୬ ▶ ୪ଜଣଙ୍କୁ ଖେଳରତ୍ନ ଓ ୩୨ଜଣଙ୍କୁ ମିଳିବ ଅର୍ଜୁନ ପୁରସ୍କାର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୩୩୫ ● ୩ ଜାନୁଆରୀ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-335 ● 3rd January 2025, Friday ● Bhubaneswar
Licensed to post without pre-payment of postage No- BN-60/25-27

# ସ୍ୱାଧୀନତା ସଂଗ୍ରାମୀଙ୍କ ଭତ୍ତା ଦୁଇଗୁଣା ବୃଦ୍ଧି

ଭୁବନେଶ୍ୱର, ୨।୧
ନ୍ୟୁଜ୍ ବ୍ୟୁରୋ



ସ୍ୱାଧୀନତା ସଂଗ୍ରାମୀ ମାନେ ଆମର ଅମୂଲ୍ୟ ରତ୍ନ । ସେମାନେ ଯେଉଁ ତ୍ୟାଗ କରିଛନ୍ତି ତା'ର ମୂଲ୍ୟ କେହି ଦେଇ ପାରିବେ ନାହିଁ । ଆମେ କେବଳ ତାଙ୍କୁ ସମ୍ମାନ ଦେଇ ପାରିବା ଏବଂ ସେମାନଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଭୁବନେଶ୍ୱର ସ୍ୱାଧୀନତା ସଂଗ୍ରାମୀ ସଦନ ପଡିଆ ଠାରେ ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧ ଉତ୍ସବ ଉପଲକ୍ଷେ ଆୟୋଜିତ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ କହିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମୀଙ୍କ ସମ୍ମାନାର୍ଥେ ରାଜ୍ୟର ସ୍ୱାଧୀନତା ସଂଗ୍ରାମୀମାନଙ୍କ ପେନସନକୁ ବୃଦ୍ଧି କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ରାଜ୍ୟର ଜେଲ୍ ଯାଇଥିବା (ବନ୍ଦୀ) ସ୍ୱାଧୀନତା ସଂଗ୍ରାମୀମାନଙ୍କ ପେନସନକୁ ୧୦ ହଜାର ଟଙ୍କାରୁ ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଏହା ସହିତ ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀମାନେ ପୂର୍ବରୁ ୯ ହଜାର ଟଙ୍କା ପାଉଥିବା ବେଳେ ଏବେ ମାସକୁ ୧୫ ହଜାର ଟଙ୍କା ପାଇବେ । କେନ୍ଦ୍ର ସରକାରଙ୍କ ପେନ୍‌ସନ୍ ପାଉଥିବା ସଂଗ୍ରାମୀମାନଙ୍କୁ (କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ରତା ସୈନିକ ସମ୍ମାନ) ରାଜ୍ୟ ସରକାର ମାସକୁ ଅତିରିକ୍ତ ୮ ହଜାର ଟଙ୍କା ପ୍ରତୀକ ଭତ୍ତା ପ୍ରଦାନ କରୁଥିଲେ । ଏହି ଭତ୍ତାକୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି ।

ସେହିପରି ଜରୁରୀ କାଳୀନ ପରିସ୍ଥିତିକୁ ଗଣତନ୍ତ୍ରର ଏକ କଳା ଦାଗ ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଏହି ସମୟରେ ଜରୁରୀ କାଳୀନ ପରିସ୍ଥିତିକୁ ବିରୋଧ କରି 'ମିସା' ଆଇନରେ ଗିରଫ ହୋଇଥିବା ସମସ୍ତ ସଂଗ୍ରାମୀ ମାନଙ୍କୁ ମାସକୁ ୨୦ ହଜାର ଟଙ୍କା ପେନସନ ପ୍ରଦାନ କରାଯିବ ।

ମୁଖ୍ୟମନ୍ତ୍ରୀ କହିଥିଲେ ଓଡ଼ିଶାର ବରେଣ୍ୟ ସ୍ୱାଧୀନତା ସଂଗ୍ରାମୀ ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧ ଦିବସକୁ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ ଭାବେ ପାଳନ କରାଯାଉଛି । ଡଃ ମହତାବଙ୍କ କୃତି ଓ ସ୍ମୃତିକୁ ଉଜ୍ଜିବୀତ କରି ରଖିବା ଏବଂ ତାଙ୍କ ଅବଦାନର (ପୃଷ୍ଠା ୭ରେ)

# ଓଡ଼ିଶାରେ ନୂଆ ରାଜ୍ୟପାଳ ହରିବାବୁ କମ୍ଭମପତି
## ରାଜଭବନ ପକ୍ଷରୁ ଦିଆଗଲା ଗାର୍ଡ ଅଫ ଅନର



ଭୁବନେଶ୍ୱର, ୨।୧ : ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ପହଞ୍ଚିଲେ ନୂଆ ରାଜ୍ୟପାଳ ହରିବାବୁ କମ୍ଭମପତି। ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ନୂଆ ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରୀ ମଣ୍ଡଳର ସଦସ୍ୟ। ରାଜଭବନ ପକ୍ଷରୁ ରାଜ୍ୟପାଳଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଛି। ଗୁରୁବାର ରାଜ୍ୟପାଳ ଏଠାରେ (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ପୁଣି ଖସିଲା ପାରଦ: ଘୁ.ଉଦୟଗିରିରେ ତାପମାତ୍ରା ୪.୮ ଡିଗ୍ରୀ ରେକର୍ଡ଼

ଘୁ.ଉଦୟଗିରି, ୨।୧
ନ୍ୟୁଜ୍ ବ୍ୟୁରୋ

ଶୀତର ଲୁଚକାଳି ଭିତରେ ପୁଣି ଥରେ ପାରଦ ଖସିଛି। ଚଳିତ ବର୍ଷ ପୁଣି ଓଡ଼ିଶାର ଦାର୍ଜିଲିଂ କୁହାଯାଉଥିବା (ପୃଷ୍ଠା ୭ରେ)



# ଆଇଏଏସ ସ୍ତରରେ ଅଦଳବଦଳ : ଭୂପେନ୍ଦ୍ର ସିଂ ପୁନିଆଙ୍କୁ ଦକ୍ଷତା ବିକାଶ ବିଭାଗର ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର, ୨।୧ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଗୁରୁବାର ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଅରିନ୍ଦମ ଡାକୁଆଙ୍କୁ ପୌର ପ୍ରଶାସକ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ଏନବିଏସ ରାଜପୁତଙ୍କୁ ସାଧାରଣ ଉଦ୍ୟୋଗ ବିଭାଗ ପ୍ରମୁଖ ସଚିବ ଭାବେ, ଟି. ଆଓଙ୍କୁ ଯୋଜନା ଓ ସଂଯୋଜନ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ଏବଂ ଭୂପେନ୍ଦ୍ର ସିଂ ପୁନିଆଙ୍କୁ ଦକ୍ଷତା ବିକାଶ ବିଭାଗର ଅତିରିକ୍ତ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି। ଏଥିସହ ପ୍ରେମଚନ୍ଦ୍ର ଚୌଧୁରୀଙ୍କୁ ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି।

## ବଦଳିଲେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟକ୍ତିଗତ ସଚିବ ବଦଳିଛନ୍ତି। ଏହି ପଦବୀରେ କାର୍ଯ୍ୟ କରୁଥିବା ଅରିନ୍ଦମ ଡାକୁଆଙ୍କୁ ବଦଳି କରାଯାଇଛି। ଅରିନ୍ଦମ ହେଉଛନ୍ତି ୨୦୧୧ (ପୃଷ୍ଠା ୭ରେ)






## ପୌର ସଫେଇ କର୍ମଚାରୀଙ୍କ ସମସ୍ୟା ବୁଝିଲେ ପୂର୍ବତନ ବିଧାୟକ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର ପୌରପାଳିକାର ସଫେଇ କର୍ମଚାରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ବହୁ ସଫେଇ କର୍ମଚାରୀ ଅଭିଯୋଗ କରିଛନ୍ତି। ବହୁ ସଂଖ୍ୟାରେ ସଫେଇ କର୍ମଚାରୀ ପୌର ପାଳିକା ୯ ନମ୍ବର ୱାର୍ଡ଼ ଶନିମନ୍ଦିର ପରିସରରେ ଏକତ୍ରିତ ହୋଇ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ସମସ୍ୟା ଗୁଡ଼ିକ ସମ୍ପର୍କରେ ପ୍ରଶାସନ ସହିତ ଆଲୋଚନା କରାଯାଇ ଏହାର ସମାଧାନର ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ବିଶ୍ୱାଳ ପ୍ରତିଶ୍ରୁତି ଦେବା ସହିତ ସହରକୁ ସ୍ୱଚ୍ଛ ରଖିବାପାଇଁ ସଂଗଠିତ ହୋଇ ଆଗ୍ରହର ସହ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସଫେଇ କର୍ମଚାରୀ ମାନଙ୍କ ପକ୍ଷରୁ ପୂର୍ବତନ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ସୁବ୍ରତ ସାମଲ, ଆଶୁତୋଷ ଦାସ, ରଙ୍ଗଲତା ସାହୁ, ମହିଳା ନେତ୍ରୀ କବିତାରାଣୀ ଲେଙ୍କା, କଲ୍ୟାଣୀ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

# ମଣ୍ଡିରୁ ଧାନ ଉଠୁ ନ ଥିବାରୁ ଧାନବସ୍ତା ରଖି ଚାଷୀଙ୍କ ରାସ୍ତା ଅବରୋଧ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସାରସମାଲ ମଣ୍ଡିରୁ ଧାନ ଉଠୁ ନ ଥିବାରୁ ଶତାଧିକ ପୁରୁଷ ଓ ମହିଳା ଚାଷୀ ରାସ୍ତାରେ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିଛନ୍ତି। ପ୍ରଶାସନର ଦେଇଥିବା ପ୍ରତିଶୃତି ପୂରଣ ହେଲା ନାହିଁ : ସାରସମାଳ ମଣ୍ଡିରୁ ଧାନ ଉଠୁ ନ ଥିବାରୁ ପୁଣି ଚାଷୀଙ୍କ ରାସ୍ତା ଅବରୋଧ କରିଛନ୍ତି।



ସୂଚନାଯୋଗ୍ୟ ଗତ ୧୦ ତାରିଖରୁ ସାରସମାଲରେ ଧାନ ମଣ୍ଡି ଖୋଲିଥିଲେ ସୁଦ୍ଧା ୧୪ ଦିନ ଧରି ଚାଷୀଙ୍କ ଧାନ ମଣ୍ଡିରେ ପଡ଼ିରହିଥିଲା। ଫଳରେ ସାରସମାଲ ଗ୍ରାମର ଶତାଧିକ ଚାଷୀ ରାମପୁର–ବରପାଲି ମୁଖ୍ୟ ରାସ୍ତାର ସାରସମାଲ ଛକ ଠାରେ ଧାନ ବସ୍ତା ରଖି ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ଖବର ପାଇ ସୋନପୁର ଉପଜିଲ୍ଲାପାଳ ଡ ସୌମ୍ୟରୁପା ରଥ, ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ, ରାମପୁର ତହସିଲଦାର ବିମଳ କିଶୋର ପାତ୍ର, ଅତିରିକ୍ତ ତହସିଲଦାର ଆନନ୍ଦ ଚନ୍ଦ୍ର ଦାସ ଆନ୍ଦୋଳନ ସ୍ଥଳକୁ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ବେଳେ ଚାଷୀମାନେ ବିନା କଟନି ଛଟନିରେ ଧାନ ବିକ୍ରି କରିବାକୁ ଉପଜିଲ୍ଲାପାଳଙ୍କୁ କହିଥିଲେ। ଚାଷୀଙ୍କ ରାସ୍ତା ଅବରୋଧ ପରେ ଉପଜିଲ୍ଲାପାଳ ମିଲର୍ସଙ୍କ ସହ ଯୋଗାଯୋଗ କରି ଗାଡ଼ି ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ମିଲର୍ସଙ୍କ ଠାରୁ ଗାଡ଼ି ପହଞ୍ଚି ୨ ଜଣ ଚାଷୀଙ୍କ ୩୧୧ ପ୍ୟାକେଟ ଧାନ ଉଠାଇ ଥିବା ବେଳେ ଆଜି ପର୍ଯ୍ୟନ୍ତ ୭୮ ଜଣ ଚାଷୀଙ୍କ ୮୧୬୪ ପ୍ୟାକେଟ ଧାନ ମଣ୍ଡିରେ ପଡ଼ି ରହିଛି । ଫଳରେ ଶତାଧିକ ଚାଷୀଙ୍କ ସମେତ ମହିଳା ମାନେ ସାରସମାଲ ଛକ ଠାରେ ଧାନବସ୍ତକ୍ଷ ରଖି ଆନ୍ଦୋଳନ କରିଛନ୍ତି। ପୁଣି ଉପଜିଲ୍ଲାପାଳ ଡ. ସୌମ୍ୟ ରୂପା ରଥ ପହଞ୍ଚି ଚାଷୀ ଙ୍କ ସହ ଆଲୋଚନା କରିଥିଲେ କରିଥିଲେ । ଆଲୋଚନା ବେଳେ ପୁଣି ଚାଷୀମାନେ ବିନା କଟନି ଛଟନି ରେ ମିଲରର୍ସ ମଣ୍ଡି ରୁ ଧାନ ନେବାକୁ ଉପ ଜିଲ୍ଲାପାଳଙ୍କୁ କହିଥିଲେ ।

ପରେ ମିଲର୍ସଙ୍କ ସହ ଉପଜିଲ୍ଲାପାଳ ଆଲୋଚନା ହୋଇଥିଲେ ମଧ୍ୟ ସମାଧାନ ହୋଇପାରି ନ ଥିଲା। ମଧ୍ୟାହ୍ନ ଭୋଜନ ପରେ ଚାଷୀମାନେ ଗିନି ମୃଦୁଙ୍ଗ ଧରି ବଜାଇ (କୀର୍ତ୍ତନ କରି) ଆନ୍ଦୋଳନ ଜାରି ରଖିଥିଲେ। ପରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ମାଝୀ ଆସି ଥିଲେ ମଧ୍ୟ ସମାଧାନ ହୋଇପାରି ନ ଥିଲା। ଫଳରେ ପ୍ରଶାସନ ଫେଲ ମାରିଥିବା ଚାଷୀ ମାନେ କହୁଛନ୍ତି।

# ଛୋଟ ପିଲାଙ୍କୁ ମୋବାଇଲର କୁପ୍ରଭାବରୁ ରକ୍ଷା କରିବାକୁ କରାଯାଉଛି ସଚେତନ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଛୋଟ ପିଲାମାନଙ୍କ ମଧ୍ୟରେ ଅତ୍ୟଧିକ ମୋବାଇଲ ବ୍ୟବହାର ଏବେ ଏକ ବଡ଼ ସମସ୍ୟାରେ ପରିଣତ ହୋଇଛି। ବିଶେଷ କରି ସ୍କୁଲ ଯାଉଥିବା ପିଲାମାନେ ଅତ୍ୟଧିକ ମୋବାଇଲ ବ୍ୟବହାର କରୁଥିବା ଦେଖାଯାଉଛି। ଯାହାର ପ୍ରଭାବ ସେମାନଙ୍କ ପାଠ ପଢ଼ା ସହ ବ୍ୟକ୍ତିତ୍ୱ ଗଠନ ଉପରେ ପଡୁଛି। କୋଭିଡ ସମୟରେ ଆରମ୍ଭ ହୋଇଥିବା ଅନଲାଇନ ପାଠପଢ଼ା ବ୍ୟବସ୍ଥା ଛାତ୍ରଛାତ୍ରୀମାନଙ୍କୁ ଯେତିକି ଉପକୃତ କରିଥିଲା ଅଭିଭାବକ ମାନଙ୍କ ପାଇଁ ସେତିକି ସମସ୍ୟା ମଧ୍ୟ ସୃଷ୍ଟି କରିଥିଲା। ଅନଲାଇନରେ ପାଠ ପଢ଼ିବା ବାହାନାରେ ଅନେକ ଛୋଟ ଛୋଟ ପିଲା ବିଭିନ୍ନ ପ୍ଲାଟଫର୍ମରେ ସୋସିଆଲ ମିଡିଆ ଆକାଉଣ୍ଟ ଖୋଲି ଏହାର ବହୁଳ ବ୍ୟବହାର କରିବା ଦେଖାଯାଉଥିଲା। ଫଳରେ ସଠିକ ଭାବେ ଅନଲାଇନରେ ଭାବ ଆଦାନ ପ୍ରଦାନର ଅଭାବ ଜନିତ ଜାଣି ନ ଥିବା ଛୋଟ ଛୋଟ ପିଲାମାନେ ସାଇବର ଠକଙ୍କ ଶିକାର ହେବା ସହ ଅସାମାଜିକ ତତ୍ତ୍ୱମାନଙ୍କର ଶୋଷଣର ଶିକାର ହୋଇଥିବା ଅନେକ ନଜିର ରହିଛି। ଏବେବି ଏହି ଧାରା ଜାରି ରହିଛି। ଏମିତିରେ ଏହାକୁ ଦୃଷ୍ଟିରେ ରଖି ଏବେ ବିଭିନ୍ନ ସ୍କୁଲ କର୍ତ୍ତୃପକ୍ଷ ପିଲାଙ୍କ ମଧ୍ୟରେ ମୋବାଇଲର ଅନୁଚିତ ବ୍ୟବହାରରୁ ନିବୃତ ରହିବା ପାଇଁ ଡିଜିଟାଲ ଡିଟକ୍ସିଙ୍ଗ ଅଭିଯାନ ଆରମ୍ଭ କରିଛନ୍ତି। ସେପଟେ ଅଧିକାଂଶ ଶିକ୍ଷକ, ଅଭିଭାବକ କହିଛନ୍ତି ମୋବାଇଲର ସଦୁପଯୋଗ କରିପାରିଲେ,ଏହା ଛାତ୍ରଛାତ୍ରୀ ମାନଙ୍କ ଜ୍ଞାନର ପରିସୀମା ବୃଦ୍ଧିରେ ସହାୟକ ମଧ୍ୟ ହୋଇପାରିବ। ଅନଲାଇନରେ ଅନେକ କିଛି ଭଲ ଜିନିଷ ମଧ୍ୟ ରହିଛି। ଛୋଟ ଛୋଟ ପିଲା ମାନେ ଅନଲାଇନରେ ବିଭିନ୍ନ ପାଠ ବୁଝିବାର ପର୍ଯ୍ୟାପ୍ତ ସୁଯୋଗ ରହିଛି। ନିଜ ନିଜ ରୁଚି ଅନୁସାରେ ବା ନିଜର ହବି ଅନୁସାରେ କିଛି ଶିଖିବାର ମଧ୍ୟ ପର୍ଯ୍ୟାପ୍ତ ସୁଯୋଗ ରହିଛି। ତେଣୁ ପିଲାମାନଙ୍କୁ ଅନଲାଇନରେ ସେଭଳି ଜିନିଷ ଦେଖିବା ପାଇଁ ପ୍ରେରଣା ଦେବା ଉଭୟ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦାୟିତ୍ୱ ବୋଲି ଅନେକ ମତ ଦିଅନ୍ତି। ତେଣୁ ଛୋଟ ଛୋଟ ପିଲାମାନେ ଯଦି ସେଭଳି ଉଦାହରଣକୁ ଅନୁକରଣ ବା ଅନୁସରଣ କରିବେ, ତେବେ ସ୍ମାର୍ଟ ଫୋନ୍ ସେମାନଙ୍କ ପାଇଁ ଆଶୀର୍ବାଦ ପାଲଟିବ ବୋଲି ମତ ଦେଇଛନ୍ତି ଅଧିକାଂଶ ଶିକ୍ଷକ, ଶିକ୍ଷୟିତ୍ରୀ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅଦିନିଆ ବର୍ଷା ଚାଷୀ ଓ ମତ୍ସ୍ୟଜୀବୀଙ୍କ ସମସ୍ୟା ଜଣାଇଲେ ମତ୍ସ୍ୟଜୀବୀ ନେତା

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗଞ୍ଜାମ ଜିଲ୍ଲା ଗସ୍ତ ସମୟରେ ଜିଲ୍ଲାପାଳ ଅଫିସ ଠାରେ ଚାଷୀ ଓ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ରମ୍ଭା ପାରିପାର୍ଶ୍ୱିକ ଅଞ୍ଚଳର ଅଦିନିଆ ବର୍ଷା ଅମଳ ଧାନ କ୍ଷତି ଘଟାଇବା ସହ ଚାଷୀର ଅଣ୍ଟା ଦୋହଲେଇ ଦେଇଥିବା ବେଳେ ସମସ୍ୟା ଦୂର ହେବା ସମ୍ପର୍କରେ ମତ୍ସ୍ୟଜୀବୀ ନେତା ତଥା ବିଜେପି ଜିଲ୍ଲା ସଂପାଦକ ଭୀମସେନ ବେହେରା ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ତନ୍ମଧ୍ୟରୁ ଅଭାବ ଅସୁବିଧା ସମ୍ପର୍କରେ ଆଡ଼ିବନ୍ଧ ମାଧ୍ୟମରେ ଜଳ ସଂରକ୍ଷଣ, ବାହାଡ଼ା ପଲ୍ଲୀ ସତ୍ରୁଶୋଲ ପାହାଡ଼କୁ ସଂଯୋଗ, ଦ୍ୱଣା ବନ୍ଧ, ଘାଇ ବନ୍ଧ, ନନ୍ଦିଘର (ମଧୁରୁଚୂଆ, ଡିଆଡ୍ରେଇ), ବିରୁଲିଗଡ଼, ପଣସଡ଼ି, ପାଲାଙ୍ଗ, ଝରେଡ଼ି, ସୀପକୁଦା, ବୁରୁଡ଼ଦୀ, କଣ୍ଟାପଡ଼ା ଓ ମିଞ୍ଚିନୀ ପାଟନା ରମ୍ଭା ଓ ଅନ୍ୟାନ୍ୟ ଅଞ୍ଚଳ, ଶୀତଳ ଭଣ୍ଡାର ନିର୍ମାଣ ସ୍ଥାପନ ସହିତ ପନିପରିବା ବଜାର ନିୟନ୍ତ୍ରଣ ନିମନ୍ତେ ଏକ ଉତ୍କୃଷ୍ଟ ବଜାର ସୃଷ୍ଟି ହୋଇପାରନ୍ତା ବୋଲି ଜଣାଇଥିଲେ। ବୋରୱେଲ୍‌ରେ ଯଥେଷ୍ଟ ପରିମାଣରେ ନଥିବା ଯୋଗୁଁ ପାଣି ଯୋଗାଇ ପାରୁନାହିଁ। ସେହିଭଳି ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଦଙ୍ଗା, ଜାଲ ଓ ମେସିନ ସହାୟତା, ଚିଲିକାରୁ ପଙ୍କ ଉଦ୍ଧାର, ମୁହାଣ ମୁଁହ ଖନନ, ଛୋଟ ଛୋଟ ଜାଆଁଳାକୁ ସୁରକ୍ଷା, ମତ୍ସ୍ୟ ସୈରଟ ଲିଜ୍ ଏଗ୍ରିମେଣ୍ଟ,ମତ୍ସ୍ୟଜୀବୀଙ୍କୁ ମତ୍ସ୍ୟଜୀବି ଭତ୍ତା ୫୦ ବର୍ଷରୁ ଉର୍ଦ୍ଧ୍ୱ ଯେଉଁଭଳି ଅନ୍ୟ ରାଜ୍ୟରେ ପ୍ରଚଳିତ ହେଉଅଛି ସେହିଭଳି ଆମ ରାଜ୍ୟରେ (ପାଖାପାଖି ୫୦୦୦ଟଙ୍କା) ପ୍ରଦାନ କରିବା ନିମନ୍ତେ ଅନୁରୋଧ କରିଥିଲେ। ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସହଯୋଗ କରି ଉପରୋକ୍ତ ସମସ୍ୟା ଉପରେ ଆଲୋକପାତ କରିବା ସହ ଦୃଷ୍ଟିଗୋଚର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ।

# ବିଦେଶୀ ଶିକ୍ଷା ବ୍ୟବସ୍ଥାକୁ ପ୍ରତ୍ୟାଖ୍ୟାନ କରିବାକୁ ଗୁରୁତ୍ୱ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସଭାପତି ଏମ. ନରସିଂହ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଚତୁର୍ବିଂଶ ବାର୍ଷିକ ଉତ୍ସବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ନିର୍ଦ୍ଧାରିତ ସୂଚୀ ପ୍ରକାରେ ପରିଚାଳିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜ, ସମ୍ମାନିତ ଅତିଥି ତଥା ସମାଜ ସେବୀ ସୁବାଷ ଚନ୍ଦ୍ର ପଣ୍ଡା, ରମ୍ଭା ଏନ. ଏ. ସି. ଅଧ୍ୟକ୍ଷା ମାନସୀ ସ୍ୱାଇଁ, ମୁଖ୍ୟ ବକ୍ତା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଅଶୋକ ରଣଜିତ (ପ୍ରାନ୍ତ ଶାରୀରିକ ଶିକ୍ଷା), ମଞ୍ଚାସୀନ ହୋଇଥିବା ବେଳେ ଅତିଥି ପରିଚୟ ଦେଇଥିଲେ ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର ଏବଂ ପ୍ରଧାନ ଗୁରୁଜୀ ଶ୍ରୀଧର ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥିଲେ। ମଞ୍ଚାସୀନ ବ୍ୟକ୍ତିମାନେ ଶାରୀରିକ, ଆଧାତ୍ମିକ, ଶୈକ୍ଷିକ, ସଂଗୀତ ଶିକ୍ଷକ, ସହିତ ସ୍ୱଦେଶୀ ଶିକ୍ଷା ଗ୍ରହଣ କରି ବିଦେଶୀ ଶିକ୍ଷାକୁ ପ୍ରତ୍ୟାଖ୍ୟାନ ଉପରେ ସମୀକ୍ଷା କରିଥିଲେ। ଉପସ୍ଥିତ ଛାତ୍ରଛାତ୍ରୀଙ୍କ



ଶିକ୍ଷା କେନ୍ଦ୍ର ଏକ ମଣିଷ ତିଆରି କାରଖାନା ବୋଲି ଜଣାଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଗୋପାଳ କୃଷ୍ଣ ସେନାପତି, ଉପଦେଷ୍ଟା ମହେନ୍ଦ୍ର କୁମାର ସେନାପତି, ରାମଚନ୍ଦ୍ର ବାଡ଼ତ୍ୟା, ପ୍ରାକ୍ତନ ପ୍ରଧାନାଚାର୍ଯ୍ୟ ଗିରିଜା ପ୍ରସାଦ ରଥ, ପଦ୍ମଲୋଚନ ଆଚାରୀ, ରାମପ୍ରସାଦ ସେନାପତି, ସୁଶାନ୍ତ ପାତ୍ର, ଭୀମସେନ ବେହେରା ଗଣମାଧ୍ୟମ ପ୍ରତିନିଧି ନୀଳାଞ୍ଚଳ ସେନାପତି, ବନବାସୀ ସେଠୀ ସହିତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ସଞ୍ଚାଳନରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଗୁରୁଜୀ ଶ୍ରୀନିବାସ ପ୍ରଧାନ, ସତ୍ୟ ନାରାୟଣ ପ୍ରଧାନ, କୈଳାଶ ଚନ୍ଦ୍ର ନାୟକ, ରବୀନ୍ଦ୍ର ମହାରଣା, ଜିତେନ୍ଦ୍ର ନାହାକ, ନାରାୟଣ ନାୟକ, ରିଣ୍ଟୁ ପ୍ରଧାନ, ବି. ପ୍ରକାଶ ପାତ୍ର, ଗୁଣାକାର ତ୍ରିପାଠୀ, ଗୁରୁମା ରୀନା ମାନସିଂହ, ରଶ୍ମିତା ତରେଇ, କିରଣମାଳା ସାହୁ, ମୀନାରାଣୀ ଦାସ, ପ୍ରିୟଙ୍କା ସ୍ୱାଇଁ, ପ୍ରିୟଙ୍କା ପାଣିଗ୍ରାହୀ, କୁନି ଗୌଡ଼, ପ୍ରଭାସିନୀ ତରେଇ, ପାର୍ବତୀ ନାହାକ, ରଶ୍ମିତା ବେହେରା, ପ୍ରସନ୍ନା ବେହେରା ଶର୍ମିଳା ଗୌଡ଼ ସହ ମଉସା ମାଉସୀ ମାନେ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଏକ ରଙ୍ଗାରାଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ କଳାପ୍ରେମୀ ଓ ଦର୍ଶକ କୁନାକୁନୀ ଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆତ୍ମ ବିଭୋର ହୋଇଯାଇଥିଲେ।

## ସାମ୍ବାଦିକ ଓ ଲେଖକଙ୍କ ବିୟୋଗରେ ଶୋକସଭା

**ନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ନନ୍ଦପୁର ବ୍ଲକ୍‌ର ଜଣେ ସୁନାମ ଧନ୍ୟ ସମାଜ ସେବୀ ତଥା ଗୋଟିଏ ଧାରାରେ ଜଣେ ସାମ୍ବାଦିକ ଲେଖକ ଦିବାକର ଭତ୍ରାଙ୍କ ବିୟୋଗରେ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ନନ୍ଦପୁର ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳ ମାଟାମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକ ସଭାରେ ବରିଷ୍ଠ ନାଗରିକ ଗୋପାଳ କୃଷ୍ଣ ବେବର୍ତ୍ତା, ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ସେକ ଗଫୁର, ଅଲ ଇଣ୍ଡିଆ ମଜଦୂର ସଂଘ ସମ୍ପାଦକ ଶ୍ରୀକାନ୍ତ ମହାନ୍ତି, ପାଡୁଆ ବୁଡି ଅଞ୍ଚଳ ଲୋକ ସଂଗଠନ ସଭାପତି କମୁଲୁ ଖିଲ ସମ୍ପାଦକ ଦାସ କୁଲମ୍ ପେଦା, ନନ୍ଦପୁର ବ୍ଲକ ବିଜେଡି ସଭାପତି କାଶୀନାଥ ଗୋଲରି, କୋରାପୁଟ ଜିଲ୍ଲା ସାମ୍ବାଦିକ ସଙ୍ଘ ଯୁଗ୍ମ ସମ୍ପାଦକ ତ୍ରିନାଥ ଖରା, ସୁନିଲ କୁମାର ସାହୁ, ମଦନ ଖିଲ, ରବୀନ୍ଦ୍ର ସମାର୍ଡି ,ମଧୁ ସୁଦନ ଖେମୁଣ୍ଡୁ, ସମେତ ବନ୍ଧୁ ଗାଁ ଓ ନାରାୟଣ ପାଟଣାରୁ ବନ୍ଧୁ ବର୍ଗ ସହକର୍ମୀ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଦିବାକର ଭତ୍ରାଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯିବା ପରେ ତାଙ୍କ ଦ୍ୱାରା ହୋଇଥିବା କାର୍ଯ୍ୟକୁ ନେଇ ଭୂରିଭୂରି ପ୍ରଶଂସା କରିବା ସହ ଗରିବଙ୍କ ପାଇଁ ସେ ଥିଲେ ଦରଦୀ ମଣିଷ ବୋଲି ବ୍ୟକ୍ତାମାନେ ମତ ବ୍ୟକ୍ତ କରିଥିଲେ।

## ଲିଡ୍ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କ ସମୂହର ବୈଠକ




**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟ କରୁଥିବା ବ୍ୟାଙ୍କ ସମୁହଙ୍କ ଜିଲ୍ଲା ସ୍ତରୀୟ ବୈଠକ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଲିଡ୍ ବ୍ୟାଙ୍କ ପକ୍ଷରୁ ଆୟୋଜିତ ଏହି ବୈଠକରେ ଭାରପ୍ରାପ୍ତ ଜିଲ୍ଲାପାଳ ସ୍ମୃତିରଂଜନ ପ୍ରଧାନଙ୍କ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ବ୍ୟାଙ୍କମାନଙ୍କର ଋଣ ପ୍ରଦାନ ସ୍ଥିତି ଉପରେ ସମୀକ୍ଷା କରାଯାଇଥିଲା । ଲାଇନ ଡିପାର୍ଟମେଣ୍ଟ ମାନେ ବ୍ୟାଙ୍କକୁ ଦେଉଥିବା ଲକ୍ଷ୍ୟକୁ ପୂରଣ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। କୋ–ଅପେରଟିଭ ବ୍ୟାଙ୍କଗୁଡିକ ସଠିକ୍ ଭାବରେ ଋଣ ପ୍ରଦାନ କରି ଜିଲ୍ଲାରେ ଅଗ୍ରଣୀ ଥିବାବେଳେ ଜାତୀୟ କରଣ ବ୍ୟାଙ୍କଗୁଡିକ ବହୁ ପଛରେ ରହୁଛି ଏବଂ କେନ୍ଦ୍ର ସରକାରଙ୍କ ଯୋଜନା ଗୁଡିକରେ ଋଣ ଦେବାରେ ବିଳମ୍ବ କରୁଛି ଏବଂ ଏଥି ସହିତ ଅନେକ ଶିକ୍ଷିତ ବେକାର ଯୁବକ ମାନଙ୍କୁ ବିଭିନ୍ନ ଯୋଜନାରେ ଋଣ ପ୍ରଦାନ କରୁନାହାଁନ୍ତି। ଯାହା ଫଳରେ ଜିଲ୍ଲାରେ ବେକାରୀ ସଂଖ୍ୟା ବଢିବାରେ ଲାଗିଛି। ଜାତୀୟ କରଣ ବ୍ୟାଙ୍କଗୁଡିକୁ ସେମାନଙ୍କର ଲକ୍ଷ୍ୟ ପୂରଣ କରିବା ପାଇଁ ଭାରପ୍ରାପ୍ତ ଜିଲ୍ଲାପାଳ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହା ସହିତ ସିଡି ରେସିଓରେ ତାରତମ୍ୟ ଅଧିକ ରହୁଥିବାରୁ ଏହାକୁ ଦୂର କରିବା ପାଇଁ ବ୍ୟାଙ୍କ ମାନେ ଯତ୍ନବାନ ହେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଏଲଡିଏମ୍ ମନୋଜ ପ୍ରଧାନିଙ୍କ ସମେତ ଜିଲ୍ଲାର ସମସ୍ତ ଜାତୀୟ କରଣ ବ୍ୟାଙ୍କର ଶାଖା ପରିଚାଳକ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ମହିମା ଧର୍ମ ଆଦ୍ୟ ପ୍ରଚାରକଙ୍କ ଜଟସମାଧି

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**



ସମଗ୍ର ପୃଥିବୀରେ ଅନେକ ଧର୍ମ ସୃଷ୍ଟି ହୋଇଥିବା ବେଳେ ଓଡ଼ିଶାରୁ ସୃଷ୍ଟି ହୋଇଥିବା ଏକମାତ୍ର ମୌଳିକ ଧର୍ମ ହେଉଛି ମହିମା ଧର୍ମ । ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ସୃଷ୍ଟି ହୋଇଥିବା ମହିମାଧର୍ମ ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଇତ୍ୟାଦି ରାଜ୍ୟରେ ମଧ୍ୟ ବିଦ୍ୟମାନ । ମହିମା ଧର୍ମର ପ୍ରବର୍ତ୍ତକ ମହିମା ଗୋସାଇଁଙ୍କ ଆଦ୍ୟ ସିଦ୍ଧ ଶିଷ୍ୟ ହେଉଛନ୍ତି ଗୋବିନ୍ଦ ଦାସ ଯିଏକି ଗୋବିନ୍ଦ ବାବା ନାମରେ ମହିମା ଧର୍ମର ପ୍ରଥମ ପ୍ରଚାରକ ଭାବେ ଖ୍ୟାତିଲାଭ କରିଛନ୍ତି । ସନ୍ଥ କବି ଭୀମଭୋଇଙ୍କ ଦ୍ୱାରା ଏହି ଧର୍ମର ତତ୍ତ୍ୱ ସଂଗୀତ ଆକାରରେ ଲିଖିତ ମାଧ୍ୟମରେ ସଂରକ୍ଷିତ ହୋଇରହିଛି । ମହିମା ଗୋସାଇଁ ୯୨ ଜଣଙ୍କୁ ଶିଷ୍ୟତ୍ୱ ପ୍ରଦାନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ସିଦ୍ଧି ପ୍ରାପ୍ତ ହୋଇଥିବା ୬୪ ଜଣଙ୍କ ମଧ୍ୟରୁ ଗୋବିନ୍ଦ ବାବା ହେଉଛନ୍ତି ପ୍ରଥମ ସିଦ୍ଧି ପ୍ରାପ୍ତ ଶିଷ୍ୟ। ଗୋବିନ୍ଦ ବାବା ସିଦ୍ଧି ପ୍ରାପ୍ତି ପରେ ବୌଦ୍ଧ ସହର ଠାରୁ ୭ କିମି ଦୂର ବଲାସିଙ୍ଗା ଗ୍ରାମରେ ମହାନଦୀ କୂଳରେ ଏକ ମହୁଲ ଗଛ ମୂଳରେ ଆଶ୍ରମ ପ୍ରତିଷ୍ଠା କରି ସେଠାରୁ ମହିମା ଧର୍ମ ପ୍ରଚାର କରୁଥିଲେ । ବର୍ତ୍ତମାନ ମହୁଲ ମୂଳ ମହିମା ଆଶ୍ରମ ଭାବେ ବିଦ୍ୟମାନ ଏବଂ ମହିମା ଧର୍ମାବଲମ୍ବୀ ମାନଙ୍କ ବିଭିନ୍ନ ପ୍ରମୁଖ ପୀଠ ମଧ୍ୟରୁ ଏହା ଅନ୍ୟତମ। ଗୋବିନ୍ଦ ବାବା ତାଙ୍କ ମୁଣ୍ଡର ଦୀର୍ଘ ଜଟକୁ ବାଲାସିଙ୍ଗା ଗ୍ରାମରେ ସମାଧି ଦେଇଥିଲେ । ସେହି ସମାଧି ଉପରେ ବିରାଟ ଉଇ ହୁଙ୍କା ସୃଷ୍ଟି ହୋଇଯାଇଛି । ମହିମା ଧର୍ମାବଲମ୍ବୀ ମାନେ ଏହି ସମାଧି ସ୍ଥଳ ଏବଂ ଉଇ ହୁଙ୍କାକୁ ସଂରକ୍ଷଣ କରି ରଖିଛନ୍ତି । ଜଟ ସମାଧି ନାମରେ ଏହି ସ୍ଥାନ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।

# ବାୟା ଅବଧୂତ ଉଚ୍ଚ ବିଦ୍ୟାଳୟ ୧୯୭୮ ବ୍ୟାଚ୍‌ର ବନ୍ଧୁମିଳନ



**ତିର୍ତ୍ତୋଲ, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନିମୁଳ ପଞ୍ଚାୟତରେ ଥିବା ବାୟାଅବଧୂତ ଉଚ୍ଚ ବିଦ୍ୟାଳୟର ୧୯୭୮ବ୍ୟାଚ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ମହାଆଡ଼ମ୍ବର ସହିତ ଅନୁଷ୍ଠିତ ହୋଇଯାଇଛି। କନିମୁଳ ପଞ୍ଚାୟତ ଗଇଠିପୁର ଗ୍ରାମର ମା ଦିଗବାରୁଣୀ ପୀଠରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ୪୦ରୁ ଉର୍ଦ୍ଧ୍ୱ ବନ୍ଧୁମାନେ ଯୋଗଦେଇ ସେମାନଙ୍କର ସ୍ମୃତି ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ବନ୍ଧୁମିଳନ ଉତ୍ସବରେ ରଞ୍ଜନ କୁମାର ସାହୁ, ତ୍ରିଲୋଚନ ସାହୁ, ଶିଶୁ ରଞ୍ଜନ ମହାପାତ୍ର, ଶ୍ୟାମ ସୁନ୍ଦର ପତି, ଅରୁଣ କୁମାର ଦାଶ, ନାରାୟଣ ଦାଶ, ଦିଲ୍ଲୀପ କୁମାର ସାମନ୍ତରାୟ, ପ୍ରସନ କୁମାର ଦାସ, ମାୟାଧର ସାହୁ, ଅକ୍ଷୟ କୁମାର ସାହୁ, ପ୍ରଦୀପ କୁମାର ରାଉତ, ସୁବାଷ ବରାଳ, କୁମର ବର ସାହୁ, ସୁରେନ୍ଦ୍ର କୁମାର ସ୍ୱାଇଁ, ବଲ୍ଲଭ ଚରଣ ଦାସ, ବିଶ୍ୱନାଥ ପତି, କଳ୍ପତରୁ କର, ରମାକାନ୍ତ ଦାଶ, କୁଞ୍ଜ ବିହାରୀ ଦାଶ, ପ୍ରତାପ କେଶରୀ ସ୍ୱାଇଁ, ପରମାନନ୍ଦ ବେହେରା, ଭିକାରି ବେହେରା, ବାବାଜୀ ଚରଣ ବେହେରା, ସୋମନାଥ ବାରିକ, ହୃଷିକେଶ ଦାସ, କବିତା ସାହୁ, ସଂଯୁକ୍ତା ସାହୁ, ପ୍ରତିଭା ବାରିକ, ଏଲିଜାବେଥ ମହାପାତ୍ର, ନାରାୟଣ ସେଠି, ଅକ୍ଷୟ କୁମାର ସେଠି, କୁମର ବର ରାଉତ, ପଦ୍ମନାଭ ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତ ସଦସ୍ୟଙ୍କ ଉପସ୍ଥିତରେ ଆଗାମୀ ଦିନରେ ସାମାଜିକ କାର୍ଯ୍ୟ କରାଯିବାପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ବେସରକାରୀ କଲେଜ ଅଧ୍ୟାପକ ଓ କର୍ମଚାରୀଙ୍କ ଦସ୍ତଖତ ସଂଗ୍ରହ ଅଭିଯାନ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

କଲେଜ ପରିଚାଳନା ସମିତି ଦ୍ୱାରା ୨୦୦୮ରୁ ୨୦୧୮ ମସିହା ମଧ୍ୟରେ ନିଯୁକ୍ତି ଦିଆଯାଇଥିବା ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନଙ୍କୁ ସରକାରୀ ଅନୁଦାନ ପ୍ରଦାନ ଦାବିରେ ଜନସାଧାରଣଙ୍କ ଠାରୁ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଛି। ଓଡ଼ିଶା ରାଜ୍ୟ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଚାଲିଥିବା ଏହି ଅଭିଯାନ ପରିପ୍ରେକ୍ଷୀରେ ସ୍ଥାନୀୟ ଚୌଦ୍ୱାର ମହାବିଦ୍ୟାଳୟର ପରିଚାଳନା ସମିତି ଦ୍ୱାରା ନିଯୁକ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଏକ ଶୋଭାଯାତ୍ରାରେ କଲେଜ ପରିକ୍ରମା କରିବା ସହିତ ଚୌଦ୍ୱାର ଅଞ୍ଚଳର ସାଧାରଣ ନାଗରିକମାନଙ୍କ ଦସ୍ତଖତ ସଂଗ୍ରହ କରିଥିଲେ। ଏହି ଦସ୍ତଖତ ସମ୍ବଳିତ ଦାବିପତ୍ର ରାଜ୍ୟ ଅଧ୍ୟାପକ ଓ




କର୍ମଚାରୀ ସଂଘ ମାଧ୍ୟମରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି କଲେଜ କର୍ମଚାରୀମାନେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟଯେ ୧୯୭୯ ଶିକ୍ଷାନୀତି ପ୍ରଣୟନ ଠାରୁ ପ୍ରତି ୫ବର୍ଷରେ ଥରେ କାର୍ଯ୍ୟରତ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ବନ୍ଧିତ ହାରରେ ଅନୁଦାନ ପ୍ରଦାନ କରାଯାଇଥାଏ । ହେଲେ ୨୦୧୪ ଠାରୁ ଏହି ନିୟମ କାର୍ଯ୍ୟକାରୀ କରାଯାଉନଥିବା କର୍ମଚାରୀ ମାନେ ଅଭିଯୋଗ କରିଛନ୍ତି। କଲେଜ ଅଧ୍ୟାପିକା ଝୁନୁରାଣୀ ଦାସ, କର୍ମଚାରୀ ପରେଶ ବେଉରା, ଲୋପାମୁଦ୍ରା ସାମନ୍ତରାୟ, ଅଶୋକ କୁମାର ଦାସ, ରଶ୍ମି ରଞ୍ଜନ ମଙ୍ଗରାଜ, ସସ୍ମିତା ଆଚାର୍ଯ୍ୟ, ପ୍ରଭାଷିନୀ ଜେନା, ସୂର୍ଯ୍ୟକାନ୍ତ ସାହୁ, ଶ୍ରୀକାନ୍ତ ନାୟକ ପ୍ରମୁଖ ଅଭିଯାନରେ ସାମିଲ ହୋଇଥିଲେ।

## ବଲାଙ୍ଗିର ଜିଲ୍ଲା ବସ୍ ମାଲିକ ସଂଘ ନିର୍ବାଚନ ଦୁର୍ଗା ଚରଣ ବେହେରା ପୁଣି ସଭାପତି ହେଲେ

**ବଲାଙ୍ଗର, ନ୍ୟୁଜ୍‌ବ୍ୟୁରୋ**

୨୦୨୫-୨୬ ବର୍ଷ ପାଇଁ ବଲାଙ୍ଗିର ଜିଲ୍ଲା ବସ୍ ମାଲିକ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇ ନୂତନ କର୍ମକର୍ତ୍ତାମାନଙ୍କୁ ନିର୍ବାଚିତ କରାଯାଇଛି । ଏହି ନିର୍ବାଚନରେ ଦୁର୍ଗାଚରଣ ବେହେରା ପୁଣି ଥରେ ସଭାପତି ଭାବରେ ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ଠିକ୍ ସେହିପରି ଉପ-ସଭାପତି ପଞ୍ଚାନନ ଆଚାର୍ଯ୍ୟ (ଲିକୁନ), ସାଧାରଣ ସଂପାଦକ ସୌମେନ୍ଦ୍ର ପରିଚ୍ଛା (ଚଗଲା), ସହ-ସଂପାଦକ ଶଙ୍କର କୁମାର ପଟ୍ଟନାୟକ ଏବଂ କୋଷାଧ୍ୟକ୍ଷ ଭାବକ୍ସର ଶିବ ଶଙ୍କର ପଟେଲ ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଏତଦ୍‌ବ୍ୟତିତ ସଂଘର କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ତ୍ରିନାଥ ପାତ୍ର, ସଂଜିବ ମହାନ୍ତି, ସଂଜିବ ସାହୁ, ଜୟନ୍ତ କୁମାର ଦେଓ, ଭବାନୀ ଶଙ୍କର ପଟେଲ, ଜିତେନ୍ଦ୍ର କୁମାର ଭୋଇ, ସଂଜିବ ପଣ୍ଡା, ଚନ୍ଦ୍ରମଣି ତ୍ରିପାଠୀ, ସୁମନ୍ତ କୁମାର ପଟେଲ, ଅରୁଣ କୁମାର ବରେଇ, ଜ୍ୟୋତି ପ୍ରକାଶ କୁମ୍ଭାର, ପାରିଶ କୁମାର ପଟେଲ ପ୍ରମୁଖ ସର୍ବସମ୍ମତି କ୍ରମେ ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି।



# ରଙ୍ଗତୂଳୀ ସ୍ପର୍ଶରେ ଯୁବ ସାଂସ୍କୃତିକ ଉତ୍ସବ 'ଯୁବ ତରଙ୍ଗ'

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ସଂସ୍କୃତି ଭବନ ପରିସରରେ ସିମ୍ଫୋନି ପକ୍ଷରୁ ଯୁବ ସାଂସ୍କୃତିକ ମହୋତ୍ସବ ଯୁବ ତରଙ୍ଗ ରଙ୍ଗ ତୁଳୀ ସ୍ପର୍ଶରେ ଅତିଥି ଭାବେ ପ୍ରଖ୍ୟାତ୍ କଥାକାର ରାମ ଚନ୍ଦ୍ର ବେହେରା, ଆଲାସ୍କା ବିଶ୍ୱ ବିଦ୍ୟାଳୟର ପ୍ରାଧ୍ୟାପକ ଦେବେନ୍ଦ୍ର କୁମାର ଦାସ, ବିଶିଷ୍ଟ କବି ଡ. ଅପର୍ଣ୍ଣା ମହାନ୍ତି ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ଭାରତର ପ୍ରାକ୍ତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସଭାପତି ନବ ଜ୍ୟୋତି ରାୟଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଡ. ବିନାୟକ ପ୍ରସାଦ ପ୍ରଧାନ ସ୍ୱାଗତ ଭାଷଣ, ଅଧ୍ୟାପକ ପବିତ୍ର କୁମାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ନବପର୍ବ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଡ. ଗିରିଜା କାନ୍ତ ଦାସ, ଡ. ଆଶୁତୋଷ ରାଉତ, ଦେବୀ ଦତ୍ତ ମିଶ୍ର ଏହାକୁ ପରିଚାଳନା କରିଥିଲେ। ଏଥିରେ ମନୋନୀତ ୨୦ ଜଣ ଯୁବ କବି କବୟତ୍ରୀ କବିତା ପାଠ କରିଥିଲେ। ଯୁବ ତରଙ୍ଗ ସଙ୍ଗୀତ, ନୃତ୍ୟ, ମିଳିତ ଅଭିନୟ




ପରିବେଷଣ ହୋଇଥିଲା। ଏହାକୁ ଜୟଶ୍ରୀ ଦାସ, ଡ. ମାନସ କୁମାର ଦାସ, ଲିଜା ପଣ୍ଡା, ଗୋଲାପ ରାଉତ, ପ୍ରଭାତୀ ଧଳ ପରିଚାଳନା କରିଥିଲେ । ଗଳ୍ପ ତରଙ୍ଗ କାର୍ଯ୍ୟକ୍ରମରେ ସ୍ୱପ୍ନାଂଶୁ କୁମାର ଦାସ, ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ପରିଚାଳନା କରିଥିଲେ। ଏଥିରେ ମନୋନୀତ ଦଶ ଜଣ ଯୁବ ଗାଳ୍ପିକ ଗଳ୍ପ ପଠନ କରିଥିଲେ। ଚିତ୍ର ତରଙ୍ଗ କାର୍ଯ୍ୟକ୍ରମରେ ସୌମ୍ୟ ରଞ୍ଜନ ପଟ୍ଟନାୟକ, ସିନୁ ଲତା ଦାସ, ରଶ୍ମି ରଞ୍ଜନ ବାରିକ ଏହାକୁ ପରିଚାଳନା କରିଥିଲେ । ଏଥିରେ କୋଡ଼ିଏ ଜଣ ଯୁବ ଚିତ୍ର ଶିଳ୍ପୀ ସୁନ୍ଦର୍ ସୁନ୍ଦର୍ ଚିତ୍ର ଅଙ୍କନ କରିଥିଲେ । ଏଥିରେ ବଳଦେବଜୀଉ କଳା ସଂସ୍କୃତି ପ୍ରତିଷ୍ଠାନ, ଭାବଗ୍ରାହୀ କଳା ନିକେତନ, ପାୟଲ ମ୍ୟୁଜିକ୍ ଓ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏଥିରେ ଜିଲ୍ଲାର ପ୍ରତିଷ୍ଠିତ କବି ସାହିତ୍ୟିକ, ପଦାଧିକାରୀମାନେ ଯୋଗ ଦେଇ ପିଲାମାନଙ୍କୁ ପୁରସ୍କୃତ କରିଥିଲେ। ସିମ୍ଫୋନିର କର୍ମକର୍ତ୍ତା ହିମାଂଶୁ ପରିଡ଼ା, ପବିତ୍ର କୁମାର ସାହୁ, କେମ୍ ର ସମ୍ପାଦକ ମହମଦ ଜାହିଦ ଖାଁ, ପ୍ରତାପ ସ୍ୱାଇଁ, ଶାନ୍ତନୁ ମଲ୍ଲିକ, ଅଜୟ କୁମାର ପାତ୍ର, ରଞ୍ଜନ ବାଇ ପ୍ରମୁଖ ସହଯୋଗ କରିଥିଲେ । ସର୍ବଶେଷରେ କୋଷାଧ୍ୟକ୍ଷ ବଂଶୀଧର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଆଦିକବି ସାରଳାଦାସ ମହାବିଦ୍ୟାଳୟ ଆଲୁମିନି ଆସୋସିଏସନର ଅଷ୍ଟମ ବାର୍ଷିକ ଉତ୍ସବ

**ତିର୍ତ୍ତୋଲ, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟ ପରିସରରେ ଆଲୁମିନି ଆସୋସିଏସନ ପକ୍ଷରୁ ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଦେବ ପ୍ରସାଦ ନାୟକ, ମୁଖ୍ୟ ବକ୍ତାଭାବେ ଅବସର ପ୍ରାପ୍ତ ଅଧ୍ୟାପକ ସାରଦା ପ୍ରସନ୍ନ ମହାପାତ୍ର, ଆଦିକବି ସାରଳାଦାସ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମଦନ ମୋହନ ମହାନ୍ତ, କ୍ୟାପଟେନ ଜ୍ଞାନ ରଞ୍ଜନ ସାମନ୍ତରାୟ ଯୋଗଦେଇ ଦୀର୍ଘ ୮ ବର୍ଷ ଧରି ଜିଏଏଟି ଦ୍ୱାରା ଆୟୋଜନ କରାଯାଉଥିବା ଗଠନମୂଳକ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଭୁତତ୍ତ୍ୱ ବିଜ୍ଞାନ ଭଳି ଏକ ମୂଲ୍ୟଭିତ୍ତିକ ଶିକ୍ଷାକୁ ଗ୍ରହଣ କରିଥିବା ହେତୁ ପ୍ରଶଂସା କରିଥିଲେ। ଜିଏଏଟିର ସଭାପତି ବିମଳକାନ୍ତ ମହାପାତ୍ର ସର୍ବପ୍ରଥମେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଡଃ. ମନମୋହନ ସିଂହଙ୍କ ସ୍ମୃତି ଉଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରି ସଭା ପରିଚାଳନା କରିଥିଲେ। ସଂଗଠନର ସମ୍ପାଦକ ଭୁତତ୍ତ୍ୱବିତ୍ ପବିତ୍ର କୁମାର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଗଠନର କୋଷାଧ୍ୟକ୍ଷ ଇଂ ନିହାର ପ୍ରସାଦ ରଥ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବିଭାଗର ମୁଖ୍ୟ ଅଧ୍ୟାପକ ଶୁଭେନ୍ଦୁ ରାୟ ଛାତ୍ରଛାତ୍ରୀମାନଙ୍କୁ କଠିନ ପରିଶ୍ରମ କରିବାକୁ ଉପଦେଶ ଦେଇଥିଲେ। ଜିଏଏଟି ଦ୍ୱାରା ଆୟୋଜିତ ମେଧାବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ସହ ସମ୍ପାଦକ ଭୁତତ୍ତ୍ୱବିତ୍ କମଳଜ୍ୟୋତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଗ୍ରାମାଞ୍ଚଳରେ କୃଷି କ୍ଷେତ୍ର ଉପରେ ଚାପ

ଶସ୍ୟଭିତ୍ତିକ ଜିନିଷର ମୂଲ୍ୟ ବଢ଼ିଛି। ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ଅଧିକ ଦାମ୍ ଦେଇ ଜିନିଷ କିଣିବାକୁ ପଡୁଛି। ତାହାର ପ୍ରଭାବରେ ଚଳିତ ବର୍ଷ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୫୫ ପ୍ରତିଶତ ରହିଛି। ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ଉପରେ ଦରଦାମର ଅଧିକ ଚାପ ରହିଛି। ଗ୍ରାମାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୬.୪୭ ପ୍ରତିଶତ ଥିଲା ଯାହା ୭.୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ସେହି ସମୟରେ ସହରାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୭୬ ପ୍ରତିଶତରୁ ହ୍ରାସ ପାଇ ୭.୩୨ ପ୍ରତିଶତ ହୋଇଛି। ଏ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଖାଦ୍ୟଶସ୍ୟ ଦାମ୍ ଅଧିକ ରହିଛି। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ବଢ଼ିବା ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ। ସହରାଞ୍ଚଳରେ ଲୋକମାନେ ମୁଖ୍ୟତଃ ପ୍ୟାକେଟ୍ ଖାଦ୍ୟ ଖାଇଥାଆନ୍ତି। ସେଠାରେ ଦର ବଢ଼ିଲେ ମାନୁଫାକ୍ଚରିଂ କ୍ଷେତ୍ର ଉପରେ ଚାପ ରହିଛି ବୋଲି ଧରିନିଆଯାଏ। ଉତ୍ପାଦନ ବଢ଼ିଲେ ସ୍ଥିତିରେ ସୁଧାର ହୋଇଥାଏ। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହିବାର ଅର୍ଥ ହେଉଛି କୃଷି କ୍ଷେତ୍ର ଉପରେ ଚାପ ରହିଛି। କୌଣସି ପର୍ବପର୍ବାଣି ନଥିବା ସତ୍ତ୍ୱେ ଗାଁରେ ଦରଦାମ୍ ବଢ଼ିବା ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ସେହିପରି, ଓଡ଼ିଶା ଅର୍ଥନୈତିକ ସଂଘର ସଚିବ ଅମରେନ୍ଦ୍ର ଦାସ କହିଛନ୍ତି ଯେ ରାଜ୍ୟର ଗ୍ରାମାଞ୍ଚଳରେ କମ୍ ଫଳ ଓ ପନିପରିବା ଉତ୍ପାଦନ ହେଉଛି। ସେଥିପାଇଁ ଆମକୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ମାତ୍ର ବାହାରେ ରହି କାମ କରୁଥିବା ଲୋକମାନେ ଟଙ୍କା ପଠାଉଥିବା ବେଳେ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଖାଦ୍ୟଶସ୍ୟ ମିଳୁଥିବାରୁ ଉପଯୋଗିତା ଅଧିକ ରହିଛି। ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଯୋଗାଣ ଶୃଙ୍ଖଳ ଅଧିକ ସୁଦୃଢ଼। ସେଥିପାଇଁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହୁଥିବା ସେ କହିଛନ୍ତି। ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର କ୍ରମାଗତ ଭାବେ ଦେଶରେ ସର୍ବାଧିକ ରହୁଛି। ଚଳିତ ବର୍ଷ ଜାତୀୟ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୯ ପ୍ରତିଶତକୁ ହ୍ରାସ ପାଇଛି। ଓଡ଼ିଶାର ମୁଦ୍ରାସ୍ଫୀତି ତା'ଠାରୁ ପ୍ରାୟ ୨.୫% ଅଧିକ ରହୁଛି। ଓଡ଼ିଶା ବ୍ୟତୀତ ତେଲେଙ୍ଗାନା (୬.୭୧%), ହରିୟାଣା (୬.୨୮%), ଆସାମ (୬.୦୨%), ଆନ୍ଧ୍ରପ୍ରଦେଶ (୫.୬୬%), ଗୁଜରାଟ (୫.୩୯%), ଝାଡ଼ଖଣ୍ଡ (୫.୮୫%) ଏବଂ କର୍ଣ୍ଣାଟକରେ (୫.୭୪%) ଖୁଚୁରା ମୁଦ୍ରାସ୍ଫୀତି ହାର ଅଧିକ ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମସ୍ତୁତେ ।'

ସତ୍ୟ ପାଶେ ଶାନ୍ତି ଦେଲ
ଦୟା ପାଶେ କ୍ଷମା ଦେଲ
ନାମ ଥୋଇ ଅନାମକୁ
ଗୁପତ କରିଲ
ହେ ପ୍ରଭୁ ଜଗତନାଥ
ମୁଁ
କୁହାର କୁହ (୫)

ସବୁ ଦେଇ ଶୂନ୍ୟ କଲ
ଶୂନ୍ୟ ବ୍ରହ୍ମ ବୋଲାଇଲ
ସେ ଶୂନ୍ୟ ବ୍ରହ୍ମ ପଦ୍ମକୁ
ଅଭିକି ନ ଦେଲ
ହେ ପ୍ରଭୁ ଜଗତନାଥ
ମୁଁ
କାହାର କୁହ (୬)

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କର୍ଣ୍ଣରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅସ୍ତ ବ୍ୟସ୍ତ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)
(କ୍ରମଶଃ)

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୬)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଯେ ଏବେ ମଧ୍ୟ ସବୁ ଦୃଷ୍ଟିରୁ ରହସ୍ୟାଚ୍ଛନ୍ନ ହୋଇ ରହିଛନ୍ତି। (ସର୍ବ ରହସ୍ୟଂ ପୁରୁଷୋତ୍ତମସ୍ୟା, ଓ ଯାହାଙ୍କୁ ଦେବତା ନ ଜାଣିବା ଯୋଗୁ ମନୁଷ୍ୟ ଜାଣି ପାରେ ନାହିଁ (ଦେବୋ ନ ଜାନାତି କୁତଃ ମନୁଷ୍ୟଃ) ଯାହାଙ୍କର ତିନି ଦାରୁ ଭାସମାନ ଅବସ୍ଥାରେ ସମୁଦ୍ର ମଧ୍ୟରୁ ଉଦ୍ଧାର କରାଯାଇଥିଲା ଓ ଯାହାଙ୍କ ଠାରୁ ସମସ୍ତେ ସୃଷ୍ଟି (ଅହଂ ସର୍ବସ୍ୟ ପ୍ରଭବଃ ମତଃ ସର୍ବଂ ପ୍ରବତେ-ଗୀତା) ହୋଇଛନ୍ତି। ଯେ ଦେଉଳ ତୋଳାଇବା ପରେ ଇନ୍ଦ୍ରଦ୍ୟୁମ୍ନଙ୍କ ବିକଳ ପ୍ରାର୍ଥନା (ତୁମେ ଯେବେ ବରଦେବ ମାଗୁଅଛି ମୁହିଁ, ମୋହର ବଂଶରେ କେହି ନଥିବେ ଗୋସାଇଁ-ଦେଉଳ ତୋଳା, କୃଷ୍ଣ ଦାସ) ପୂର୍ଣ୍ଣ କରି ତାଙ୍କ ବଂଶ ଲୋପ କରିଛନ୍ତି। ଯାହାଙ୍କର ଶ୍ରୀ ଅଙ୍ଗରେ ପରମାତ୍ମା ଶ୍ରୀ କୃଷ୍ଣଙ୍କର ନାଭି କମଳ ରହିଛି ବୋଲି ହିନ୍ଦୁମାନେ ଦୃଢ଼ ବିଶ୍ୱାସ କରନ୍ତି, ଯାହାଙ୍କର ତିନି ମୂର୍ତ୍ତିଙ୍କୁ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱର ଭାବେ ବିଶ୍ୱାସ କରାଯାଏ (ରାମ, କୃଷ୍ଣ, ସୁଭଦ୍ରା ଯେ ଏ ତିନି ପ୍ରତିମା, ଶ୍ରୀ ପୁରୁଷୋତ୍ତମ ବିଜେସ୍ଥଳି, ହରିବ୍ରହ୍ମା) ସାରଳା ଦାସ ମହାଭାରତରେ ଉଲ୍ଲେଖ କରିଛନ୍ତି। ଯାହାଙ୍କୁ ପ୍ରତ୍ୟେହ ଦର୍ଶନ ଅଭିଳାଷ କରି ତ୍ରେତୟା ଯୁଗରୁ ଆଜି ପର୍ଯ୍ୟନ୍ତ ହନୁମାନ ଓ ବିଭୀଷଣ ଶ୍ରୀ ମନ୍ଦିରକୁ ଆସନ୍ତି ଓ ଯାହାଙ୍କୁ ଏବେ ବି ବିଭୀଷଣ ସ୍ନାନ ପୂର୍ଣ୍ଣୀମା ଦିନ ଜଗମୋହନର ଗରୁଡ ସ୍ତମ୍ଭ ପାଖେ ବନ୍ଦନା କରନ୍ତି (ବିଭୀଷଣ ବନ୍ଦାପନା ନୀତି) ଯିଏ ତ୍ରିବାର ସତ୍ୟ କରି କହିଛନ୍ତି ଯେ ଦେଉଳ ଓ ମୂର୍ତ୍ତି ଭାଙ୍ଗିଗଲେ ମଧ୍ୟ ଏ କ୍ଷେତ୍ର ଛାଡିପାରିବେ ନାହିଁ, (ସତ୍ୟଂ ସତ୍ୟଂ ପୁନଃ ସତ୍ୟଂ ସତ୍ୟମେବ ବ୍ରଦିମତେ, ପ୍ରସାଦ ପ୍ରତିମା ଭଗ୍ନେ ନିତ୍ୟାଯାମି କଦାଚନ-ସ୍କନ୍ଦ ପୁରାଣ) ଏହିଭଳି ଅସୁମାରି ଚିନ୍ତା କରି ଚାଲିଛନ୍ତି ଅସଂଖ୍ୟ ଭକ୍ତ ଜଗନ୍ନାଥଙ୍କ ମୁଖ ଚନ୍ଦ୍ରମାକୁ ଦର୍ଶନ କରି। ସମୟ ବହୁତ ହୋଇଯାଇଥାଏ। ଧୀରେ ଧୀରେ ଜନ ଗହଳି କମିବାରେ ଲାଗିଥାଏ। ଶ୍ରୀ ମନ୍ଦିର ସମ୍ମୁଖସ୍ଥ ବଡଦାଣ୍ଡ କ୍ରମାନ୍ୱୟରେ ନିସ୍ତବଧ ହୋଇଯାଉଥାଏ। ସନ୍ଧ୍ୟା ନଇଁ ଆସିଲାଣି। ଆକାଶରେ ବିଛାଡି ହୋଇ ପଡିଲେଣି ଅସଂଖ୍ୟ ନକ୍ଷତ୍ରମାଳା। ନିବିଡ ଅନ୍ଧକାର ଭେଦକରି ଦିବ୍ୟସିଂହ ପିରିଚ୍ଛା ପଟ୍ଟନାୟକ ଦାରୁମୂର୍ତ୍ତିମାନଙ୍କୁ ବହୁଶ୍ରମ ସ୍ୱୀକାର କରି ନେଇ ଚାଲିଲେ ଚିଲ୍ଲିକା ମଧ୍ୟସ୍ଥ ପାରିକୁଦ ଭୂଖଣ୍ଡକୁ, ଯେଉଁ ସ୍ଥାନରେ ମହାପ୍ରଭୁଙ୍କୁ ଲୁଚାଇ ରଖିଲେ କଳାପାହାଡର ଦୃଷ୍ଟି ଗୋଚର ହେବ ନାହିଁ। ଏହି କଥା ଚିନ୍ତା କରି ପାରିକୁଦରେ ମୂର୍ତ୍ତିମାନଙ୍କୁ ରଖାଗଲା। ସମୟ ଗଡି ଚାଲିଲା। ଏ ପଟେ ପୁରୀ ଉପକଣ୍ଠରେ କଳାପହାଡ ତିନିଶହ ହସ୍ତୀ ଉପରେ ସୁସଜ୍ଜିତ ସୈନ୍ୟମାନଙ୍କୁ ନିର୍ଦ୍ଦେଶ ଦେଲା, ପୁରୀ ଶ୍ରୀମନ୍ଦିର ଆକ୍ରମଣ କରିବା ପାଇଁ। କଳା ପାହାଡ ନିର୍ଦ୍ଦେଶରେ ସମସ୍ତ ସୈନ୍ୟ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରି ଦେଖନ୍ତି ଯେ ଦାରୁବ୍ରହ୍ମ ମନ୍ଦିର ମଧ୍ୟରେ ନାହାନ୍ତି। କଳାପାହାଡ ଏହି କଥା ଶୁଣିବା ପରେ ଅତ୍ୟଧିକ କ୍ରୋଧାନ୍ୱିତ ହୋଇଗଲା। ପାରିକୁଦ ଠାରୁ ଦାରୁମୂର୍ତ୍ତିଙ୍କୁ ଲୁଚାଇ ରଖାଯାଇଥିବାର ଖବର ମଧ୍ୟ ତାକୁ ଅଛପା ରହିଲା ନାହିଁ। ତତ୍କ୍ଷଣାତ୍ ପାରିକୁଦ ଅଞ୍ଚଳ ଅଭିମୁଖେ ସୈନ୍ୟସାମନ୍ତଙ୍କୁ ନେଇ ସେଠାରୁ ଦାରୁମୂର୍ତ୍ତିମାନଙ୍କୁ ଠାବ କରିବା ସହିତ ବାହୁବଳ ପ୍ରୟୋଗ କରି ହସ୍ତୀପୃଷ୍ଠ ଉପରେ ରଖିଲା। ଜଣା ପଡୁଥାଏ ଯେପରି ଅସ୍ତାଚଳଗାମୀ ସୂର୍ଯ୍ୟଙ୍କୁ ସାଖିରଖି ଶ୍ରୀ ଜଗନ୍ନାଥ କଳାପାହାଡ ସାଥିରେ ଚିରଦିନ ପାଇଁ ଓଡ଼ିଆ ଜାତି ନିକଟରୁ ବିଦାୟ ନେଉଥାନ୍ତି। କଳାପାହାଡର ହସ୍ତିପୃଷ୍ଠମାନଙ୍କ ଉପରେ ଦାରୁମୂର୍ତ୍ତି ମାନଙ୍କର ଶୟନ ଦୃଶ୍ୟ ବିଦିର୍ଣ୍ଣ କରି ଦେଉଥିଲା ଅସଂଖ୍ୟ ଭକ୍ତମାନଙ୍କର ହୃଦୟକୁ। ଏହି ଦୃଶ୍ୟକୁ ଦେଖି ଜଣେ ଭକ୍ତ କାନ୍ଦି କାନ୍ଦି ଭୂମିରେ ପାଗଳଙ୍କ ଭଳି ଲୋଟି ଯାଉଥାଏ। କେତେବେଳେ ମହାବାହୁଙ୍କର ଭଜନ ଗାଇ ଗାଇ ପାରିକୁଦର ବାଲିକୁ ନେଇ ମୁଣ୍ଡରେ ମାରି ଦେଉଥାଏ ତ ଆଉ କେତେବେଳେ ଅରଣ୍ୟ ଫୁଲ ସବୁ ଆଣି ତିନୋଟି କ୍ଷୁଦ୍ର ବାଲିସ୍ତୁପ ଉପରେ ପକାଇ ଦେଉଥାଏ। ତା'ର ନାମ ଥିଲା ବିଶର ମହାନ୍ତି। ପାଗଳ ହେଇଯାଉଥାଏ ସେ ଜଗନ୍ନାଥଙ୍କ ଚେତନାରେ। ଧୀରେ ଧୀରେ ଦୂର ଦିଗ୍‌ବଳୟ ସ୍ପର୍ଶ କରି ଅଦୃଶ୍ୟ ହୋଇଯାଉଥାନ୍ତି ଦାରୁମୂର୍ତ୍ତି ଗୁଡିକ ବହନ କରି ଚାଲିଥିବା ହସ୍ତୀ ଓ କଳାପାହାଡ଼ର ସମସ୍ତ ସୈନ୍ୟସାମନ୍ତମାନଙ୍କର ପଟୁଆର। ବିଶର ମହାନ୍ତି ସେହି ପାଦ ଚିହ୍ନକୁ ଲକ୍ଷ୍ୟ କରି ଛୁଟି ଚାଲିଥାଏ ସେମାନଙ୍କର ପଛେ ପଛେ ପଥହୁଡ଼ା ସନ୍ନ୍ୟାସୀଙ୍କ ପରି। ଉଦରରେ ନଥିଲା ଭୋକ ଶୋଷର ଆର୍ତ୍ତଚିତ୍କାର। ନଥିଲା ଶାରୀରିକ କ୍ଳେଶ, ଭୟ, ଯନ୍ତ୍ରଣା। ବିଶର ମହାନ୍ତି ପାଇଁ ସମସ୍ତ ବାତାବରଣ ପାଲଟି ଯାଇଥିଲା ଗୋଟିଏ ଦୁର୍ବୋଧ ପ୍ରତୀକ୍ଷା। (କ୍ରମଶଃ)

# ଅଯୋଗ୍ୟ ପଦାଧିକାରୀଙ୍କୁ ବିତାଡ଼ିତ କରାଯିବା ଆବଶ୍ୟକ

ପଙ୍କଜ କୁମାର ପାଣିଗ୍ରାହୀ
ୟୁଟ୍ୟୁବ୍-ସାମାଜିକ ଜନମଞ୍ଚ
(ଭାରତ)
ଛତ୍ରପୁର,
ପିନ୍-୭୬୧୦୨୦
ମୋ-୯୪୩୭୩୨୪୯୧୭

ଦେଶ ତଥା ରାଜ୍ୟ ଗୁଡିକର ପ୍ରଶାସନିକ କ୍ଷେତ୍ରରେ ନିୟୋଜିତ ଲକ୍ଷ ଲକ୍ଷ ସରକାରୀ ପଦାଧିକାରୀ / ଚାକିରିଆଙ୍କୁ ସର୍ବସାଧାରଣ ଅର୍ଥରୁ ଯଥେଷ୍ଟ ମାତ୍ରାରେ ଦରମା ଦିଆଯାଇଥାଏ କେବଳ ସେମାନଙ୍କ ଦାୟିତ୍ୱବୋଧତା କାରଣରୁ ଯେ ସେମାନେ ପ୍ରତ୍ୟେକ ସୋପାନର କାର୍ଯ୍ୟ ଗୁଡିକ ସାମ୍ବିଧାନିକ ଆଇନ ତଥା ସରକାରୀ ଚାକିରୀ ନିୟମାବଳୀକୁ ଆଧାର କରି ନିଜର ଦାୟିତ୍ୱ ତୁଲାଇବେ। ଆଇନ କାନୁନ ନଜାଣି କିମ୍ବା ସବୁ ଜାଣିଶୁଣି ବେଆଇନ କାର୍ଯ୍ୟ କରି ସରକାରୀ ତହବିଲରୁ କୋଟି କୋଟି ଟଙ୍କା କ୍ଷତି କରିବା ଅର୍ଥାତ ସେ ଜଣେ ପଦାଧିକାରୀ ପଦବାଚ୍ୟ ନହେବା ଆବଶ୍ୟକ । ସେହିଭଳି କ୍ଷେତ୍ରରେ ସେମାନଙ୍କୁ ସରକାରୀ ଅଧିକାରୀ ପଦରୁ ବହିଷ୍କାର କରି ବିତାଡିତ କରାଯିବା ଅନିବାର୍ଯ୍ୟ ଆବଶ୍ୟକ । ଅନେକ କ୍ଷେତ୍ରରେ ଦେଖିବାକୁ ମିଳୁଛି ଯେ ସରକାରୀ ପଦାଧିକାରୀ ମାନେ କେତେବେଳେ ଅଜ୍ଞାନତା, ଆଇନ କାନୁନ ବିଷୟରେ ଅନଭିଜ୍ଞତା, ବ୍ୟକ୍ତିଗତ ଆଗ୍ରହ, ଆର୍ଥିକ ଲାଭ ଆଶା କରି ନପାଇବା, ବ୍ୟକ୍ତିଗତ ଆକ୍ରୋଶ ହେଉ କିମ୍ବା ଆତ୍ମ ଅହଙ୍କାର ଜନିତ ଅଧସ୍ତନ କର୍ମଚାରୀ କିମ୍ବା ଜନସାଧାରଣଙ୍କୁ ବ୍ୟାପକ କ୍ଷତି ପହଞ୍ଚାଇ ଥାନ୍ତି । ଭାରତୀୟ ସାମ୍ବିଧାନିକ କ୍ଷମତାର ଅପବ୍ୟବହାର କରି ସେମାନେ ନିଜ ଇଚ୍ଛା ମୁତାବକ ଅନେକ ଅକର୍ତ୍ତବ୍ୟ ତଥା ବେଖାତିରି ଭାବେ ଅନୈତିକ କାର୍ଯ୍ୟ କରିଥାନ୍ତି ଯାହା ଦ୍ୱାରା ସାଧାରଣ ଲୋକେ ଆଶାତୀତ କ୍ଷତିରେ ପଡୁଛନ୍ତି । ଏମିତିକି ଅନେକ ସମୟରେ ସରକାରୀ ତହବିଲ୍‌ରୁ କୋଟି କୋଟି ଟଙ୍କା କ୍ଷତି ହେଉଛି ସେହିଭଳି ପଦାଧିକାରୀଙ୍କ ମନମାନୀ କାର୍ଯ୍ୟ କଳାପ କାରଣରୁ । ସେମାନଙ୍କ ଦାୟିତ୍ୱ ଭୁଲି ଯାଇ ଆଇନର ସୀମାରେଖା ପାର କରି କରୁଥିବା ସ୍ୱେଚ୍ଛାଚାରୀ କାର୍ଯ୍ୟ ହେତୁ ବ୍ୟାପକ କ୍ଷତି ହେଉଥିବା ବେଳେ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା କାରଣରୁ ଏହିଭଳି ଅସଂଖ୍ୟ ଘଟଣାର ଉଦୟମାନ ହେଉଛି ପ୍ରାୟତଃ ଅନେକ ସମୟରେ । ନିକଟ ଅତୀତରେ ତା. ୨୨.୧୨.୨୪ରେ ଦୈନିକ ଖବର କାଗଜ ସମାଜରେ ପ୍ରକାଶିତ ମୟୁରଭଞ୍ଜ ଡ଼ି.ଇ.ଓଙ୍କ କାର୍ଯ୍ୟର ନମୁନା ଦେଖିଲେ ଜାଣିହେବ ଯେ ଏମିତି ଆହୁରି ଅନେକ ଉଦାହରଣ ମିଳିବ ଆଜି ସମୟରେ ରାଜ୍ୟବ୍ୟାପୀ ବିଭିନ୍ନ ବିଭାଗରେ । କିଛି ଉଦାହରଣ ନେଇ ଦେଖିଲେ ଜାଣିହେବ ଯେ ଜଣେ ପଦାଧିକାରୀ ତାଙ୍କ ଅଧସ୍ତନ କର୍ମଚାରୀଙ୍କ ଠାରୁ ବ୍ୟକ୍ତିଗତ ସ୍ୱାର୍ଥ କିମ୍ବା ଲାଞ୍ଚ ଆଶା କରି ନପାଇବା ପରେ ଯଥେଷ୍ଟ ପ୍ରମାଣ ନଥାଇ ମଧ୍ୟ ବିଭିନ୍ନ ଆଳରେ ତାଙ୍କୁ ନିଲମ୍ବନ କରୁଛନ୍ତି । ବେଳେ ବେଳେ ଚାକିରିରୁ ବହିଷ୍କାର ମଧ୍ୟ କରିଦେଉଛନ୍ତି ! ପରବର୍ତ୍ତୀ ସମୟରେ ସମ୍ପୃକ୍ତ ନିରୀହ ଚାକିରିଆ ଜଣକ ମାନ୍ୟବର ନ୍ୟାୟାଳୟଙ୍କ ଆଶ୍ରୟ ନେଇ ବହୁ ବର୍ଷ ପରେ ଚାକିରୀରେ ପୁନଃ ପ୍ରବିଷ୍ଟ ହେବା ସହିତ ସେହି ସମୟ ଗୁଡିକର ସମସ୍ତ ଦରମା ପାଉଛନ୍ତି କାର୍ଯ୍ୟ ନକରି । ଏହା ସରକାରୀ ଅର୍ଥରୁ ଦିଆଯାଉଥିବା ବେଳେ ସମ୍ପୃକ୍ତ ପୀଡିତ / ପୀଡ଼ିତାଙ୍କ ମାନସିକ ଯନ୍ତ୍ରଣା ତଥା ସାମାଜିକ କ୍ଷତି ପୁରଣ କରାଯାଇ ଥାଏ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ଯିଏ କ୍ଷମତାର ଅପବ୍ୟବହାର କରି କରିଥାନ୍ତି ସେହି ବେନିୟମ କାର୍ଯ୍ୟ । ଦେଖିବାକୁ ମିଳୁଛି ଯେ ଜଣେ ଉଚ୍ଚ ସ୍ତରୀୟ ଅଧିକାରୀ ନିଜର ଆଗ୍ରହକୁ ଚରିତାର୍ଥ କରିବା ପାଇଁ ସାମ୍ବିଧାନିକ ଆଇନର ଅପବ୍ୟବହାର କରିବେ ଆଉ ସରକାର ସମ୍ପୃକ୍ତ ପୀଡିତ / ପୀଡ଼ିତାଙ୍କ ଠାରୁ କୌଣସି କାର୍ଯ୍ୟ ହାସଲ ନକରି ନ୍ୟାୟାଳୟରେ ଫଇସଲା ନହେବା ପର୍ଯ୍ୟନ୍ତ ଘରେ ବସାଇ ମାନ୍ୟବର ନ୍ୟାୟମୂର୍ତ୍ତିଙ୍କ ନିର୍ଦ୍ଦେଶ ଆସିବା ପରେ ତାଙ୍କୁ ବର୍ଷ ବର୍ଷର ଦରମା ଦେବେ ! କାହିଁକି ? ଏଠାରେ ଉଲ୍ଲେଖ ଯୋଗ୍ୟ ବିଷୟ ଏହାକି ଯେ ଯେହେତୁ ପଦାଧିକାରୀ ମାନେ ଉଚ୍ଚ ଶିକ୍ଷିତ ଓ ଜ୍ଞାନ ସମ୍ପନ୍ନ ହୋଇଥିବା କାରଣରୁ ସେମାନଙ୍କୁ ଉଚ୍ଚ ସ୍ଥାନିତ କରାଯାଉ ଅଛି ଏବଂ ତଦନୁଯାୟୀ ସେମାନଙ୍କ ଦରମା ମଧ୍ୟ ଉଚ୍ଚ ଆକାରରେ ପ୍ରଦାନ କରାଯାଉ ଅଛି ତେଣୁ ଯେକୌଣସି ବ୍ୟତିକ୍ରମ ପାଇଁ ସେମାନେ ହିଁ ସମ୍ପୂର୍ଣ୍ଣ ଦାୟୀ ରହିବା ସହିତ ସମସ୍ତ ଆର୍ଥିକ ଦେୟ, ଦରମା ତଥା କ୍ଷତି ପୁରଣ କେବଳ ସେମାନଙ୍କ ଠାରୁ ହିଁ ଆଦାୟ କରାଯିବା ବିଧେୟ । ପୁନର୍ବାର ସେମାନଙ୍କ ଏତାଦୃଶ କାର୍ଯ୍ୟକଳାପ ହେତୁ ନିରୀହ ଲୋକଙ୍କ କ୍ଷତି ସହିତ ସରକାରୀ କଳର ବ୍ୟାପକ କ୍ଷତି / ଅସୁବିଧା / ଅପମାନ ତଥା ଗଣତନ୍ତ୍ରର ଅମର୍ଯ୍ୟାଦା ହେଉଥିବା କାରଣରୁ ସେମାନଙ୍କୁ କଠୋର ଶାସ୍ତି ଦେବା ସହିତ ଚାକିରିରୁ ବହିଷ୍କାର କରାଯିବା ମଧ୍ୟ ବିଧେୟ ! କାରଣ ସେମାନେ ସ୍ୱର୍ଗରୁ ଅନୁମୋଦନ କରି ଆଣି ନାହାନ୍ତି ଯେ ସେମାନେ ଯାହା କଲେ ମଧ୍ୟ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ! ଏବଂ ସେମାନଙ୍କ କାର୍ଯ୍ୟକଳାପ / ନିଷ୍ପତ୍ତି ହିଁ ଶେଷ ! ଅଦ୍ୟାବଧି ସେମାନଙ୍କ ପାଇଁ ରହିଥିବା ଦଣ୍ଡ ବିଧାନ ଆଇନ ଗୁଡିକ ବ୍ରିଟିଶ୍‌ର କୋହଳ ନୀତି ଆଧାରିତ ହୋଇଥିବା କାରଣରୁ ପ୍ରାୟତଃ କାହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରୁ ନାହିଁ । ତେଣୁ ସରକାର ଏଥି ପ୍ରତି ସଚେତନ ହୋଇ ପ୍ରକୃତ ଗଣତାନ୍ତ୍ରିକ ପଦ୍ଧତିରେ ସର୍ବଜନ ସମାନ ନୀତିରେ ସେମାନଙ୍କ ପାଇଁ ମଧ୍ୟ କଠୋର ଆଇନ ଆଣିବା ଦିଗରେ ଉପଯୁକ୍ତ ପଦକ୍ଷେପ ନେବା ଏକାନ୍ତ ଆବଶ୍ୟକ । ଚାକିରିଆଙ୍କ କ୍ଷେତ୍ରରେ ସରକାରୀ ତହବିଲରୁ କ୍ଷତି ହେଉଥିବା ବେଳେ ଅନ୍ୟ ପକ୍ଷରେ ଦେଖିବାକୁ ଗଲେ କେତେକ ପଦାଧିକାରୀଙ୍କ ଯୋଗୁ ସାଧାରଣ ଲୋକେ ମଧ୍ୟ ବ୍ୟାପକ କ୍ଷତି / ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜଣେ ସାଧାରଣ ଲୋକକୁ ସରକାରୀ ପଦାଧିକାରୀ ବ୍ରିଟିଶ୍‌ର ବଡ଼ଲାଟ ସଦୃଶ୍ୟ ନିଜ ପାଦ ତଳର ଚାକର ଭଳି ଆଚରଣ କରିବା ସହିତ ସେମାନଙ୍କୁ ବ୍ୟାପକ ଅସୁବିଧା ତଥା କ୍ଷତିରେ ପକାଉଥିବା ଉଦାହରଣ କିଛି କମ୍ ଦେଖିବାକୁ ମିଳୁନାହିଁ ଆମ ସମାଜରେ । ଉଦାହରଣ ସ୍ୱରୂପ ଜଣେ ଲୋକ ତାର ଜମି ଚିହ୍ନଟ କଲେ ବିକ୍ରି କରି ଝିଅ ବାହାଘର କରିବ କିମ୍ବା ପାରିବାରିକ ଜରୁରୀ କାଳୀନ ସାଙ୍ଘାତିକ ରୋଗ ଚିକିତ୍ସା କରିବା ହେଉ କି ଅନ୍ୟାନ୍ୟ କୌଣସି ଅସୁବିଧାର ମୁକାବିଲା କରିବା ପାଇଁ ବ୍ୟବହାର କରିବା ଉଦ୍ଦେଶ୍ୟରେ ବ୍ୟାକୁଳତା ପ୍ରଦର୍ଶନ କରୁଥିବ ! ଠିକଣା ସମୟରେ ସମ୍ପୃକ୍ତ ରାଜସ୍ୱ ବିଭାଗୀୟ ପଦାଧିକାରୀ ମାନେ ତା'ର ତଣ୍ଟି ଧରିଥାନ୍ତି ! କେତେବେଳେ ବ୍ୟାପକ ଲାଞ୍ଚ ଦାବିକରି ହେଉ କିମ୍ବା ଆଉ କେତେବେଳେ ସମ୍ପୃକ୍ତ ଜମିକୁ ଜାଲିଆତି କରି ମାଫିଆଙ୍କ ହାତରେ ଟେକିଦେଇ କିଳିବିଳି କରୁଛନ୍ତି ନିରୀହ ଜନତାଙ୍କୁ । ଅନେକ ସମୟରେ ସମ୍ପୃକ୍ତ ପୀଡିତ /ପୀଡିତା ନ୍ୟାୟାଳୟର ଆଶ୍ରୟ ନେଇ ନିଜର ଅଧିକାର ସାବ୍ୟସ୍ତ କରିବା ବେଳକୁ ସେହି ଲୋକଟି ଆଉ ଜୀବନରେ ବଞ୍ଚି ନଥାଏ । ତା'ର ଉତ୍ତରାଧିକାରୀଙ୍କୁ ମଧ୍ୟ ସମୁଚିତ ନ୍ୟାୟ ମିଳିବାର କୌଣସି ନିର୍ଦ୍ଦିଷ୍ଟ ଠିକଣା ମିଳୁନାହିଁ । ଏଭଳି କ୍ଷେତ୍ରରେ ଜଣେ ନିରୀହ ସାଧାରଣ ଜନତାକୁ ତାର ନ୍ୟାୟ ଅପେକ୍ଷା କ୍ଷତିର ଭାର ଅଧିକ ହେଉଥିବା ବେଳେ ତାହା କାହାଠାରୁ ଭରଣା କରାଯାଉ ନଥିବା ଦେଖିବାକୁ ମିଳୁଛି । ହେଲେ ଏହି ପଦସ୍ଥ ଅଧିକାରୀଙ୍କ ମନମାନୀ ସ୍ୱେଚ୍ଛାଚାରୀ କାର୍ଯ୍ୟ କଳାପ ହେତୁ ନିରୀହ ଜନତା ଯେ ବ୍ୟାପକ କ୍ଷତିର ଶିକାର ହେଉଛନ୍ତି କେବଳ ସେମାନଙ୍କ ଉପରେ ସେହିଭଳି କୌଣସି ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ହେଉନଥିବା କାରଣରୁ । ଏହାପ୍ରତି ସରକାର ସଚେତନ ହୋଇ କଡାକଡି ଭାବେ ନିୟମ ଲାଗୁ ନକଲେ ଯେ ଏହା ଗଣତନ୍ତ୍ର ପ୍ରତି ଏକ ଉପହାସ ବ୍ୟତୀତ ଆଉ କିଛି କୁହାଯାଇ ପାରିବ ନାହିଁ । ସେହିଭଳି ଚିକିତ୍ସା କ୍ଷେତ୍ରରେ ଡାକ୍ତରଙ୍କ ମନମାନୀ ହେଉ କିମ୍ବା କାରିଗରୀ କୌଶଳ ଜନିତ ବିଭିନ୍ନ ସରକାରୀ ନିର୍ମାଣ କାର୍ଯ୍ୟରେ କେତେବେଳେ ଅଜ୍ଞାନତା ବଶତଃ ତ ଆଉ କେତେବେଳେ ଭ୍ରଷ୍ଟାଚାର ଜନିତ କ୍ଷତି ସହିବାକୁ ପଡୁଛି ସରକାର ତଥା ଜନସାଧାରଣଙ୍କୁ ଯାହା ସମସ୍ତେ ଜାଣନ୍ତି । କହିବାକୁ ଗଲେ ଆମ ଦେଶରେ ପ୍ରାୟତଃ ଦାୟିତ୍ୱବାନ ପଦାଧିକାରୀଙ୍କ ଉପରେ ସେହିଭଳି କୌଣସି ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନର ଅଭାବ କାରଣରୁ ସମସ୍ତେ ଏକ ରକମ ବେଖାତିରି କରି ଚଳାଉଛନ୍ତି ନିଜର ସାମ୍ରାଜ୍ୟ ଯିଏ ଯେଉଁଠାରେ ଅବସ୍ଥାପିତ ହୋଇଛନ୍ତି ସରକାରୀ କାର୍ଯ୍ୟାଳୟରେ । ସରକାର ଏଦିଗରେ ସ୍ୱତନ୍ତ୍ର ନିୟମ କଡାକଡି ଭାବେ ଲାଗୁ କରିବା ସହିତ ଯେ କୌଣସି କ୍ଷେତ୍ରରେ ସମସ୍ତ କ୍ଷତି ସମ୍ପୃକ୍ତ ପଦାଧିକାରୀଙ୍କ ଠାରୁ ଆଦାୟ କରିବା ସହିତ ସେମାନଙ୍କୁ ଚାକିରିରୁ ବହିଷ୍କାର କରାଯିବା ଭଳି କଠୋର ନିୟମ ଲାଗୁ ନକଲେ ଯେ ଏହାର ସମାଧାନ ହେବା ଅସମ୍ଭବ ! କାରଣ ପ୍ରାୟତଃ ପଦାଧିକାରୀ ମାନେ ଏକ ମିଳିତ ଗୋଷ୍ଠୀ ଭାବେ କାର୍ଯ୍ୟ କରି ଜଣେ ଅନ୍ୟକୁ ସୁରକ୍ଷିତ ରଖିବା ପାଇଁ ପ୍ରୟାସ କରି ଚଳାଉଛନ୍ତି ସେମାନଙ୍କ ଗୁପ୍ତ ରାଜତନ୍ତ୍ର ଯାହାଦ୍ୱାରା କେତେବେଳେ ସରକାରୀ ତହବିଲ ତ ଆଉ କେତେବେଳ ନିରୀହ ସାଧାରଣ ଲୋକଙ୍କ ବ୍ୟାପକ କ୍ଷତି ହେଉଥିବା ଦେଖିବାକୁ ମିଳୁଛି । ସରକାରୀ କାର୍ଯ୍ୟାଳୟ ଗୁଡିକରେ ଦୁର୍ନୀତି ବା ଲାଞ୍ଚ କାରବାର ଗୁଡିକ ପ୍ରାୟତଃ ସମ୍ପୃକ୍ତ ଅଧିକାରୀଙ୍କ ଗୋଚର ତଥା ଆଗ୍ରହରେ କାର୍ଯ୍ୟାଳୟ ସହାୟକ ହୁଅନ୍ତୁ କିମ୍ବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ମାଧ୍ୟମରେ କରାଯାଇ ଥାଏ । ଯଦି କୌଣସି ସମୟରେ ଭିଜିଲାନ୍ସ କିମ୍ବା ଅନ୍ୟାନ୍ୟ କୌଣସି ଚଢ଼ାଉ ହୁଏ ତାହେଲେ ସମ୍ପୃକ୍ତ ତୃତୀୟ କିମ୍ବା ଚତୁର୍ଥ ଶ୍ରେଣୀ କର୍ମଚାରୀ ହିଁ ଅଭିଯୁକ୍ତ ସାବ୍ୟସ୍ତ ହୁଅନ୍ତି ଏବଂ ସମସ୍ତ ଦଣ୍ଡବିଧାନ ସେମାନଙ୍କ ଉପରେ ହୋଇଥାଏ । ଏହା କିନ୍ତୁ ଗଣତାନ୍ତ୍ରିକ ବ୍ୟବସ୍ଥିତ ନୁହେଁ ! କାରଣ ଯେହେତୁ ସମ୍ପୃକ୍ତ ତୃତୀୟ କିମ୍ବା ଚତୁର୍ଥ ଶ୍ରେଣୀ କର୍ମଚାରୀ ଜଣେ ନିରୀହ ବ୍ୟକ୍ତି ଏବଂ ସମ୍ପୃକ୍ତ ଅଧିକାରୀ ସେମାନଙ୍କ ଉପରେ ଚାପ ପକାଇ ସେହି କାର୍ଯ୍ୟରେ ତାଙ୍କୁ ନିୟୋଜିତ କରୁଛନ୍ତି ତେଣୁ କୌଣସି କାର୍ଯ୍ୟାଳୟରେ ଯଦି ଦୁର୍ନୀତିର ଗନ୍ଧ ବାହାରେ ତାହେଲେ ସମ୍ପୃକ୍ତ ଅଧିକାରୀ ହିଁ ୧୦୦ ପ୍ରତିଶତ ଦୋଷୀ ସାବ୍ୟସ୍ତ ହେବା ଏକାନ୍ତ ଆବଶ୍ୟକ । ତାଙ୍କୁ ସେହି କାର୍ଯ୍ୟାଳୟର ସମସ୍ତ ଦାୟିତ୍ୱ ଦିଆଯାଇ ଥିବା ହେତୁ ସେହି କାର୍ଯ୍ୟାଳୟର ସମସ୍ତ ଭଲ ମନ୍ଦ ପାଇଁ କେବଳ ସମ୍ପୃକ୍ତ ଅଧିକାରୀ ହିଁ ଦାୟୀ ରହିବେ ବୋଲି ଘୋଷଣା କରାଗଲେ ଖୁବ୍ କମ୍ ସମୟରେ ଦୁର୍ନୀତି ଦୂର କରାଯାଇ ପାରିବ। ଏଥି ପ୍ରତି ସରକାର ସଚେତନ ହୋଇ ଠିକଣା ନିୟମ ଜାରି କଲେ ଯେ ଆମ ଦେଶ ଅନେକାଂଶରେ ଦୁର୍ନୀତି ମୁକ୍ତ ହୋଇ ପାରିବ ସେଇଥିରେ କୌଣସି ସନ୍ଦେହ ନାହିଁ। ଯଥା ଶୀଘ୍ର ପଦାଧିକାରୀ ମାନଙ୍କ ପାଇଁ ସର୍ବ ସମାନ ଗଣତାନ୍ତ୍ରିକ ପଦ୍ଧତିରେ କଡା ନିୟମ ଜାରି କରାଯିବା ସହିତ ସେମାନଙ୍କ କାର୍ଯ୍ୟ କଳାପ ଗୁଡିକ ଉପରେ କଡା ନଜର ରଖି ଅବିଳମ୍ବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଭଳି ନିୟମ କରାଗଲେ ସମାଜର ମଙ୍ଗଳ ସାଧିତ ହୋଇ ପାରିବ। ଅନ୍ତତଃ ପକ୍ଷେ ଦ୍ୱିତୀୟ ଶ୍ରେଣୀ ଏବଂ ତାହାଠାରୁ ଉର୍ଦ୍ଧ୍ୱରେ ରହିଥିବା ସମସ୍ତ ସରକାରୀ ଅଧିକାରୀଙ୍କ କ୍ଷେତ୍ରରେ ଏହି ନିୟମ ଲାଗୁ କରାଯିବା ବିଧେୟ । କାରଣ ସେମାନେ ଗୋଟିଏ ଗୋଟିଏ କାର୍ଯ୍ୟାଳୟର ଅଧିକାରୀ ଭାବେ ନିଯୁକ୍ତ ହୋଇଥାନ୍ତି ଯାହାଙ୍କ ସମସ୍ତ ଦାୟିତ୍ୱ ରହିଥାଏ ସରକାରୀ ଆଇନ କାନୁନକୁ ନିୟନ୍ତ୍ରଣ କରିବା ପାଇଁ । ସେମାନଙ୍କ କାର୍ଯ୍ୟ କଳାପ ଗୁଡିକ ଉପରେ ଠିକଣା ଅଙ୍କୁଶ ଚାରଣ କରାନଗଲେ ବ୍ରିଟିଶ ଶାସନ ସମୟରେ ଅଧିକାରୀଙ୍କ କ୍ଷମତା ରାଜ ଚଳାଇ ଲୋକଙ୍କୁ କ୍ରିତଦାସ ଭଳି ରଖିଥିବା ଜୁଲୁମରାଜ ଯେ କେବେହେଲେ ସମାପ୍ତ ହେବ ନାହିଁ ଯାହା ଅଦ୍ୟାବଧି ଆମ ଦେଶରେ ପ୍ରଚଳିତ ରହିଛି ସେଇଥିରେ କୌଣସି ସନ୍ଦେହ ନାହିଁ !

# ନବ ଉତ୍କଳର ନିର୍ମାତା ଡ଼ଃ ହରେକୃଷ୍ଣ ମହତାବ



ବିଶ୍ୱବିଜୟୀ ଦାଶ
ସମ୍ପାଦକ, ବ୍ରଜବିଳାସ ଇ-ପତ୍ରିକା
ବାଣପୁର, ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ ନଂ- ୬୩୭୦୨୦୮୪୨୮

ଭାରତବର୍ଷର ସ୍ୱାଧିନତା ସଂଗ୍ରାମୀ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ବମ୍ବେର ପୂର୍ବତନ ରାଜ୍ୟପାଳ, ବିଶିଷ୍ଟ ଲେଖକ, ସାରସ୍ୱତ ସାଧକ, ନବ ଉତ୍କଳ ନିର୍ମାଣର ପୁରୋଧା କୀର୍ତ୍ତିମାନ ଡ଼ଃ ହରେକୃଷ୍ଣ ମହତାବ।

ଡ଼ଃ ହରେକୃଷ୍ଣ ମହତାବ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ ଓଡ଼ିଶାର ଭଦ୍ରକ ଜିଲ୍ଲାର ଆଗରପଡାଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ କୃଷ୍ଣ ଚରଣ ମହତାବ ଓ ମାତାଙ୍କ ନାମ ତୋହଫା ଦେବୀ। ତାଙ୍କର ମାଟ୍ରିକ ପଢ଼ା ଭଦ୍ରକ ହାଇସ୍କୁଲ ରେ ସମାପ୍ତ ହୋଇଥିଲା, ତା'ପରେ କଟକର ରେଭେନ୍ସା କଲେଜରେ ପାଠ ପଢ଼ିଥିଲେ। ୧୯୨୧ ମସିହାରେ ପାଠ ପଢ଼ା ଛାଡ଼ି ଭାରତର ସ୍ୱାଧିନତା ସଂଗ୍ରାମରେ ନିଜକୁ ନିୟୋଜିତ କରିଥିଲେ। ୧୯୨୩-୨୪ରେ ଡ଼ଃ ମହତାବ ଓଡ଼ିଶା ପ୍ରଜା ଆନ୍ଦୋଳନର ନେତୃତ୍ୱ ଗ୍ରହଣ କରି କାରାବରଣ କରିଥିଲେ। ୧୯୨୪ ମସିହାରେ ସେ ତତ୍କାଳୀନ ବିହାର-ଓଡ଼ିଶା ପ୍ରଦେଶର ସଭ୍ୟ ରୂପେ ନିର୍ବାଚିତ ହୋଇଥିଲେ। ୧୯୩୦-୩୧ରେ ବାଲେଶ୍ୱରର ଇଞ୍ଚୁଡ଼ିଠାରେ ଲବଣ ସତ୍ୟାଗ୍ରହ ଓ ଆଇନ ଅମାନ୍ୟ ଆନ୍ଦୋଳନକୁ ପରିଚାଳନା କରି ଦୁଇ ଥର କାରାବରଣ କରିଥିଲେ। ୧୯୩୬ ମସିହାରେ ନିଖିଳ ଭାରତ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟ ମନୋନୀତ ହୋଇ ୧୯୪୬ ପର୍ଯ୍ୟନ୍ତ ଅବସ୍ଥାପିତ ଥିଲେ । ୧୯୩୭ରେ ସେ ଓଡ଼ିଶା ରାଜ୍ୟ କଂଗ୍ରେସରେ ସଭାପତି ଭାବେ ଯୋଗଦାନ କରିଥିଲେ । ୧୯୩୮ରେ ସେ ଜାତୀୟ କଂଗ୍ରେସର କାର୍ଯ୍ୟକାରୀ ସମିତିର ସଭ୍ୟରୂପେ ମନୋନୀତ ହୋଇଥିଲେ । ୧୯୪୬ରୁ ୧୯୫୦ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ ଓ ପୁନର୍ବାର ୧୯୫୬ରୁ ୧୯୬୧ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୫୦ରୁ ୧୯୫୨ ପର୍ଯ୍ୟନ୍ତ ସେ କେନ୍ଦ୍ର ଶିଳ୍ପ, ବାଣିଜ୍ୟ ଓ ଯୋଗାଣ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ୧୯୫୫-୫୬ରେ ସେ ବମ୍ବେ ରାଜ୍ୟର ରାଜ୍ୟପାଳ ହେବାର ସୌଭାଗ୍ୟ ଲାଭ କରିଥିଲେ । ୧୯୬୨ରେ ସେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ । ୧୯୬୭, ୧୯୭୧ ଓ ୧୯୭୪ ମସିହାରେ ସେ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ। କନିକା ଓ ରଣପୁର ପ୍ରଜାମେଳି ଓ ଓଡ଼ିଶାର ଗଡ଼ଜାତ ମିଶ୍ରଣରେ ଡ଼ଃ ହରେକୃଷ୍ଣ ମହତାବଙ୍କର ପ୍ରମୁଖ ଭୂମିକା ରହିଥିଲା।

ଓଡିଶା ଓ ଓଡ଼ିଶାବାସୀଙ୍କୁ ସର୍ବତ୍ର ଭାବେ ସୁରକ୍ଷିତ ରଖିବା ପାଇଁ ହୀରାକୁଦ ବନ୍ଧ ଥିଲା ତାଙ୍କର ଏକ ଅଭିନବ ପରିକଳ୍ପନା। ଓଡ଼ିଶାର ଯୁବଶକ୍ତିକୁ ଉପଯୋଗ କରିବା ପାଇଁ ରାଉରକେଲା ଇସ୍ପାତ କାରଖାନା ଭଳି ପ୍ରକଳ୍ପର ପ୍ରତିଷ୍ଠା କରିଥିଲେ। ଡୁଡୁମା ଜଳ ବିଦ୍ୟୁତ୍ ପ୍ରକଳ୍ପ, ଆସ୍କାର ଚିନି କଳ, ପାରାଦୀପ ବନ୍ଦର, ଚୌଦ୍ୱାର ଲୁଗା କାରଖାନା, ଓଡ଼ିଶା ଟେକ୍ସଟାଇଲ ମିଲ ପ୍ରତିଷ୍ଠା, କଟକ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠା, ବାରବାଟୀ ଷ୍ଟାଡିୟମ ନିର୍ମାଣ ଓ ଭୁବନେଶ୍ୱର ନୂଆ ରାଜଧାନୀ ପ୍ରତିଷ୍ଠା, ବିଧାନ ସୌଧ, ସଚିବାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଆଦି ପ୍ରତିଷ୍ଠାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଓଡ଼ିଶା ଅଲମ୍ପିକ ଆସୋସିଏସନର ସେ ପ୍ରତିଷ୍ଠାତା ସଭାପତି ଥିଲେ। ୧୯୨୩ ମସିହାରେ ସେ ସାପ୍ତହିକ ଖବରକାଗଜ ପ୍ରଜାତନ୍ତ୍ର ପ୍ରତିଷ୍ଠା କରିଥିଲେ, ଯାହା ଏବେ ଦୈନିକ ପ୍ରକାଶ ପାଉଛି । ତାଙ୍କଦ୍ୱାରା ସାହିତ୍ୟ ପତ୍ରିକା ଝଙ୍କାରର ପ୍ରତିଷ୍ଠା ଓ 'ବିଷୁବ ମିଳନ' ଆୟୋଜନ ଓଡ଼ିଆ ସାହିତ୍ୟକୁ ପ୍ରଗତି ପଥରେ ନେଇଛି । ସେ ଅନେକ ଉପନ୍ୟାସ ରଚନା କରିଥିଲେ ସେଗୁଡ଼ିକ ହେଲା ନୂତନ ଧର୍ମ, ଟାଉଟର, ଅବ୍ୟାପାର, ପ୍ରତିଭା-୧୯୪୬, ତୃତୀୟ ପର୍ବ। ତାଙ୍କ ଦ୍ୱାରା ଲିଖିତ କବିତା ସଂକଳନ ହେଲା ଚାରି ଚକ୍ଷୁ, ପଲାସୀ, ଅବସାନେ, ଶେଷ ଅଶ୍ରୁ, ନନ୍ଦିକା, ଲଳିତା, ରାଜାରାଣୀ, ଛାୟାପଥର ଯାତ୍ରୀ ଆଦି। ଡ଼ଃ ହରେକୃଷ୍ଣ ମହତାବଙ୍କ ଲିଖିତ ଓଡ଼ିଶା ଇତିହାସ, ଆତ୍ମଦାନ, ରୂପାନ୍ତର, ଇତିହାସର ପରିହାସ, ପ୍ରବଚନ, ଗୁପ୍ତ ପ୍ରଣୟ, ଭାରତୀୟ ସଂସ୍କୃତି, ନେତା ଓ ଜନତା, ଦଶ ବର୍ଷର ଓଡ଼ିଶା, ଗାନ୍ଧୀଜୀ ଓ ଓଡ଼ିଶା, ଆରବ ସାଗରରୁ ଚିଲିକା, ଗାଁ ମଜଲିସ ଓ ଆଧୁନିକତା ଇତ୍ୟାଦି। ତାଙ୍କ ଆତ୍ମଜୀବନୀ ହେଲା 'ସାଧନାର ପଥେ। ଡ଼ଃ ହରେକୃଷ୍ଣ ମହତାବ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସଂଗୀତ ନାଟକ ଏକାଡେମୀର ସଭାପତି ଭାବେ ଅନେକ ଥର ନିର୍ବାଚିତ ହୋଇଥିଲେ । ତାଙ୍କୁ ଆନ୍ଧ୍ର ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ ଉପାଧି ଦିଆଯାଇଥିଲା, ତାହା ସହିତ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡି.ଲିଟ. ଓ ଆଇନରେ ସାଗର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ମିଳିଥିଲା । ଡ଼. ହରେକୃଷ୍ଣ ମହତାବ 'ଓଡ଼ିଶା ଇତିହାସ' ପୁସ୍ତକ ଲେଖିଥିଲେ। ଓଡ଼ିଶାର ପରାକ୍ରମୀ ଯୋଦ୍ଧାଙ୍କ ତ୍ୟାଗ, ତପସ୍ୟା, ବୀରତ୍ୱର ଗାଥା, ବୁଦ୍ଧିମାନ ସମାଜ ଉପରେ ଆଧାରିତ ଏହି ପୁସ୍ତକରେ କଳିଙ୍ଗ ଯୁଦ୍ଧ, ଖାରବେଳ ଶାସନ, ୧୮୧୭ ର ପାଇକ ବିଦ୍ରୋହ, ସ୍ୱାଧୀନତା ସଂଗ୍ରାମ ଏବଂ ଆଧୁନିକ ଓଡ଼ିଶା ପାଇଁ ତାଙ୍କର ଥିବା କଳ୍ପନା ଇତ୍ୟାଦି ବର୍ଣ୍ଣିତ। ସେହି ମହାନ୍ ଜନନାୟକଙ୍କର ବିୟୋଗ ୨ ଜାନୁୟାରୀ ୧୯୮୭ ମସିହାରେ ହୋଇଥିଲା।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଯୋଗୀ ଗୀତ

ଗାଁରେ ଥାଆନ୍ତି ପିଙ୍କି। ବଉଳ ଅମାବାସ୍ୟା ପାଇଁ ଛାତ ଉପରେ ଆମ୍ବଡ଼ାଳ ଭାଙ୍ଗୁ ଭାଙ୍ଗୁ ଭାବୁଥାଆନ୍ତି ନିଜ ପରିବାର ସହ କେତେ କଥା। ଏଇ ଯେମିତି ନିଜକୁ ଭଲପାଇ ନିଜର ପିତୃମାତୃ ଦତ୍ତ ନାମ ଛାଡି ଆଜିକାଲି କିଏ କେତେ ନିଜକୁ ଅନ୍ୟ କୌଣସି ସାମାୟିକ ଉପାଧି ନାମରେ ବିଭୂଷିତ କଲାବେଳେ ପିଙ୍କି କେବେଠୁ ପକ୍ଷୀମଣିଷଟିଏର ଉପାଧି ପାଇ ଯାଇଥିଲେ ତାଙ୍କୁ ନିଜକୁ ଜଣା ନଥିଲା। ତାଙ୍କ ଅଧିକାଂଶ ଗଳ୍ପରେ ଓ କବିତାରେ ପକ୍ଷୀ ଓ ପକ୍ଷୀ ବିଷୟରେ କିଛି ତଥ୍ୟ ବା ପକ୍ଷୀଙ୍କ ସହିତ କିଛି ଭାବ ଓ ସମ୍ପର୍କର କଥା ଠଉରେଇ ବାହାର ଲୋକ ତାଙ୍କୁ ପକ୍ଷୀମଣିଷ ଡାକିବା ସ୍ୱାଭାବିକ କିନ୍ତୁ ଘର ମଣିଷମାନେ ମଧ୍ୟ ଏଣିକି ପକ୍ଷୀମଣିଷ ଡାକିବାର ହୁଏତ ଦୁଇଟି କାରଣ ଥିଲା। ପ୍ରଥମ କାରଣ ଦିନକୁ ଦୁଇଥର ଛାତ ଉପରକୁ ଯାଇ ନିଜ ଘରର ଉତ୍ତର ଓ ପୂର୍ବ ପଟେ ଥିବା ଦୁଇ ଝଙ୍କାଳିଆ ବରଗଛ ଡାଳ ତଥା ଶାଖା ପ୍ରଶାଖା ମଧ୍ୟରେ ଆତଯାତ କରୁଥିବା ସବୁ ପ୍ରକାର ପକ୍ଷୀଙ୍କୁ ଅନୁସନ୍ଧାନ କରିବା ତାଙ୍କର ଏକ ଅଭ୍ୟାସରେ ପରିଣତ ହୋଇ ସାରିଥିଲା। ଦ୍ୱିତୀୟରେ ସକାଳ ପୂଜା ପରେ ପକ୍ଷୀଙ୍କ ପାଇଁ ଖାଦ୍ୟ ରଖିବା ସହ ଠାକୁ ଠା ପାଣି ରଖିବା ଓ କୌଣସି ପକ୍ଷୀ ସେହି ଖାଦ୍ୟକୁ ଖୁଣ୍ଟି ଖାଉଥିବାର ଦୃଶ୍ୟ ସହିତ ଥଣ୍ଟ ବୁଡେଇ ପାଣି ପିଇବା ଦୃଶ୍ୟରେ ବିମୋହିତ ହେବା ଦେଖି ପରିବାରର ଲୋକମାନେ ତାଙ୍କୁ ଏମିତି ପକ୍ଷୀମଣିଷ ବୋଲି ଡାକିବା ସ୍ୱାଭାବିକ ବୋଲି ଧରିନେଇଥିଲେ ପିଙ୍କି। ଖାଲି ଧରିନେଇଥିଲେ ନୁହେଁ ବରଂ ଆତ୍ମତୃପ୍ତି ପାଉଥିଲେ।

ଗାଁରେ ଏବେ ସେହି ଦୁଇଟି ଅଭ୍ୟାସ ଜାରି ଥିଲେ ମଧ୍ୟ ସେ ସବୁ ପକ୍ଷୀଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ। ଏଇ ପକ୍ଷୀଦେଖିବା ଅଭ୍ୟାସ ଯୋଗୁଁ ଅର୍ଥାତ ପକ୍ଷୀମାନଙ୍କର ସ୍ୱର ଅନୁକରଣ କରି ଓ ତାଙ୍କ ଉଡିବା ପ୍ରଣାଳୀ ଅନ୍ୱେଷଣ ତଥା ନିରୀକ୍ଷଣ କରି ଗଛ ଡ଼ାଳରେ ଠାବ କରୁଥିଲେ ହଳଦୀବସନ୍ତ, କଜ୍ଜଳପାତି, କୁମ୍ଭାଟୁଆ, ପାରା, ଭଦଭଦଳିଆ, ବଣି, ଶୁଆ, କାଠହଣା ପକ୍ଷୀସହିତ ଅନେକ ନାମ ଜାଣି ନଥିବା ପକ୍ଷୀ, ଯେଉଁମାନଙ୍କୁ ସେ କେବଳ ବାର୍ଡଚଢେଇ ବୋଲି କୁହନ୍ତି ତାଙ୍କୁ ସମସ୍ତଙ୍କୁ ଏବେ ସେ ସନ୍ଦେହ କରିବାର କାରଣ ନିଶ୍ଚୟ ଥିଲା। କାରଣଟା ଏମିତି କି ନିର୍ଦ୍ଦିଷ୍ଟ ରାତିରେ କୌଣସି ପକ୍ଷୀର ବୋବାଳିରେ ନିଦ ଭାଙ୍ଗି ଯାଉଥିଲା ପିଙ୍କିଙ୍କର।


ଗାଁରେ ଥାଇ ପିଙ୍କି ଲକ୍ଷ୍ୟ କରିଛନ୍ତି, କାଉ ସଙ୍ଗେ ଅନ୍ୟ ଚଢେଇ ମାନଙ୍କର ଖୁବ କମ ପଡେ କିନ୍ତୁ କାଉ ତାଙ୍କ ସନ୍ଦେହ ଘେରକୁ ଆସୁନଥିଲା କାରଣ କାଉର କା କା ରାବ କାହାକୁ ଅଜଣା କିନ୍ତୁ ରାତ୍ରୀଚର ପକ୍ଷୀ ପେଚାର ଶତ୍ରୁ ଥିଲା କାଉ ବୋଲି ପିଙ୍କି ପଢିଥିଲେ ଓ ଅନୁଭବ ମଧ୍ୟ କାରିଥିଲେ ତ କାଉ ବହୁ ସଂଖ୍ୟାରେ ଉଡ଼ିଲେ ସେ ନିରିଖେଇ ଦେଖନ୍ତି ପେଚା ପଛରେ ପଡିଛନ୍ତି କି ସେମାନେ ! ପଡନ୍ତୁ ପଡନ୍ତୁ, ଘଉଡ଼ାଇ ଦିଅନ୍ତୁ ଏ ଅଞ୍ଚଳରୁ ସେମାନଙ୍କୁ। ହେଲେ ପେଚାର ବା କି ଦୋଷ ! ପକ୍ଷୀଟିଏ ସିଏ, ଯିଏ ଦିନରେ ଦେଖିପାରେନି ବୋଲି ରାତିରେ ଶିକାର ଖୋଜୁଥାଏ ସ୍ୱର ଶଦ୍ଦ କରି ସତ କିନ୍ତୁ ତା ରାବ ପିଙ୍କିଙ୍କୁ ଯେ କାହିଁକି ଶୁଭେ ଓ ନିଦ ଭାଙ୍ଗିଯାଏ ତାଙ୍କର !ଏହା ଶୁଭ ନା ଅଶୁଭ, ପୁଣି କୋଉ ସଂକେତ ଜାଣିବାକୁ ନେଟ ଖେଳାଇ ୟୁଟୁବ ଖୋଜନ୍ତି ପିଙ୍କି ଆଉ ସନ୍ଦେହରେ ହଳଦିବସନ୍ତ ଯେଉଁ ପକ୍ଷୀ ପଛରେ ପଡେ ଅର୍ଥାତ ଘଉଡ଼ାଉ ଥାଏ ଯାହାକୁ ନିରୀକ୍ଷଣ କରନ୍ତି ପିଙ୍କି ତାକୁ ଆଉ ଭାବନ୍ତି ନା ମ ଏ ଚଢେଇ ନୁହେଁ, ନିଶ୍ଚୟ ପେଚା। ତ ପ୍ରତିକାର କରିବା ଦରକାର। ଲଗାତର ପେଚାର ବୋବାଳି ଶୁଣିବା ନିଶ୍ଚୟ ଅଶୁଭ ବୋଲି ସ୍ଥିର ନିଶ୍ଚିନ୍ତ ହୋଇପଡୁଥିବା ପିଙ୍କି ଭୟରେ ଜଡ଼ସଡ଼ ହୋଇପଡୁଥିଲେ। ନିଶ୍ଚିନ୍ତ କେହି ଆତ୍ମୀୟ ସ୍ୱଜନଙ୍କ ମୃତ୍ୟୁକୁ ସେ କଦାପି ସହି ପାରିବେ ନାହିଁ ଭାବି ବ୍ୟସ୍ତ, ବିବ୍ରତ ଓ ବିଚଳିତ ହୋଇ ସକାଳୁ ସକାଳୁ ଘରର ଆଗ ଗେଟ ଖୋଲି ଦେଖନ୍ତି ତ କୁକୁରଟି ପାଟିରେ କଣ ଗୋଟେ କାମୁଡି ଧରି କୁଁ କୁଁ ହେଇ ଥୁଆ ହୋଇଥିବା ଯାତ୍ରୀବାହୀ ବସ ତଳକୁ ପଶି ଯାଉଥାଏ।

ପିଙ୍କି ସବୁଦିନ ପରି ବିସ୍କୁଟ ଧରି ଯେତେ ଡାକିଲେ ମଧ୍ୟ ଆସୁନଥାଏ ସେହି କୁକୁର ଯଦିଓ ଅନ୍ୟ କୁକୁରସବୁ ତାଙ୍କ ଛୁଆ ସହ ଆସିଯାଇଥିଲେ ବିସ୍କୁଟ ଖାଇବାକୁ ତ ପିଙ୍କି ଡାକୁଥାଆନ୍ତି ଚୁ ଚୁ। ତା ତଳୁ ବାହାରୁ ନଥାଏ ମାଈକୁକୁର। କୁଆଡେ ଗଲେ ତା ଛୁଆ ସବୁଆରେ ଏଇତ ସବୁ ଛୁଆ ତାର ଅନ୍ୟ ମାଈକୁକୁର ଓ ତା ଛୁଆମାନଙ୍କ ସହ ମିଶି ଖାଦ୍ୟ ରୂପେ ବିସ୍କୁଟ ପାଇ ଶୀତ ଛଡେଇ ନୂଆବର୍ଷକୁ ସ୍ୱାଗତ କରୁଛନ୍ତି ଯେମିତି। ତେବେ ଏତିକିବେଳେ ଯାତ୍ରୀବାହୀ ବସ ଡ୍ରାଇଭର ଗାଡି ଷ୍ଟାର୍ଟ ମାରିଲା ତ ପିଙ୍କି ଚମକି ପଡିବା ବେଳକୁ ମାଈ କୁକୁର ବାହାରି ଆସିଥିଲା ତା ସ୍ଥାନରୁ ଗାଡି ତଳୁ କିନ୍ତୁ ତା ମୁହଁରେ ଥିଲା ତା ମଲା କଳା କୁକୁର ଛୁଆଟା, ଯାହାକୁ କାଲି ସାଇକେଲ ମାଡିଯିବା ପରେ ଢେର ରାତି ଯାଏଁ କୁଁ କୁଁ ହୋଇ କଷ୍ଟ ପାଉଥିଲା ବିଚରା ନିରୀହ କୁକୁର ଛୁଆଟି ଆଉ ତା'ମାଈ ଅନ୍ୟ ଛୁଆ ଓ ଅନ୍ୟ ମାଈ କୁକୁରମାନଙ୍କୁ ଭୁକି ତା ପାଖ ମଡ଼େଇ ଦେଉନଥିଲା। ସେ ଦୃଶ୍ୟର ଦୁଃଖରେ ସଞ୍ଜ ଆସିଗଲା ପରେ ପିଙ୍କିଙ୍କୁ ରାତ୍ରୀଚର ପକ୍ଷୀ ବୋବାଳିର ଭୟ ଘାରି କୁକୁରଛୁଆର କୁଁ କୁଁ କାନ୍ଦଣା ଆଉ ଶୁଭୁନଥିଲା।

ସୁନନ୍ଦା ମହାନ୍ତି



ସେ ଦିନ ପରଠୁ ରାତ୍ରୀଚର ପକ୍ଷୀର ବୋବାଳି ଆଉ ଶୁଭୁନଥିଲେ ମଧ୍ୟ ମାଈ କୁକୁରଟି ସ୍ୱାଭାବିକ ଅବସ୍ଥାକୁ ଫେରି ପୁଣି ବିସ୍କୁଟ ଖାଇବା ପାଇଁ ଅନ୍ୟ ଛୁଆମାନଙ୍କୁ ଆପଣେଇ ଦୌଡ଼ି ଆସିବାକୁ ଢେର ଦିନ ଲାଗିଯାଇଥିଲା। ନୂଆବର୍ଷ ଦିନ ପିଙ୍କି ଗଛ ଡ଼ାଳକୁ ଅନେଇ ହଳଦୀବସନ୍ତ ଦେଖି ଖୁସି ହୋଇ ବିସ୍କୁଟ ଆଣି କୁକୁରମାଈକୁ ଡାକୁଥିଲେ ଆ ଚୁ ଚୁ। ଏପଟେ ପକ୍ଷୀମାନେ କିଚିରି ମିଚିରି କରି ତାଙ୍କ ଗିନାରୁ ଚାଉଳ ଖୁଣ୍ଟି ଖାଉଥିଲେ। ପୁରୁଣା କଥା ଭୁଲି ନୂତନତାକୁ ଆପଣେଇବାକୁ ପକ୍ଷୀଠୁ ପଶୁଯାଏଁ ଏମିତିକି ମଣିଷ ମଧ୍ୟ ଅଣ୍ଟାସଳଖି ଠିଆ ହୋଇ ସବୁ ଦେଖୁଥିଲେ ନୂଆ ସକାଳର ନୂଆ ସୂର୍ଯ୍ୟଙ୍କୁ ଓ ତାଙ୍କ ତେଜକୁ। ଯୋଗୀ ଜଣେ କେନ୍ଦେରା ବଜେଇ ଗାଇ ଗାଇ ଯାଉଥିଲେ ଭଜୁକି ନା ରାମ ନାମରେ ଗୋବିନ୍ଦ... ଭଜୁ କି ନା ରାମ ନାମ... ଭଜି ନପାରିଲେ କୂଳ ଚନ୍ଦ୍ରମାରେ ବାନ୍ଧିନେବ କାଳ ଜମରେ କୁମର.. ଭଜୁକି ନା ରାମ ନାମ। ପିଙ୍କି ସ୍ତବ୍ଧ ହୋଇ ଯୋଗୀଙ୍କ ଗୀତ ଶୁଣୁଥିଲା ବେଳେ ତାଙ୍କୁ ଲାଗୁଥିଲା ସେହି ରାତ୍ରୀଚର ପକ୍ଷୀଟି ଗୀତ ଗାଉଛି ଯେମିତି। ବଉଳ ଅମାବାସ୍ୟାରେ ଠାକୁରଙ୍କୁ ବଉଳ ସମର୍ପଣ କରି ପିଙ୍କି କହୁଥିଲେ ପ୍ରଭୁ ହେ ରକ୍ଷାକର।



ସାକ୍ଷୀଗୋପାଳ
ପୁରୀ, ମୋ-୯୦୪୦୯୭୭୩୨୭

# ଆଶା ଓ ବିଶ୍ୱାସ

ଆଜି କାହିଁକି ମୁଣ୍ଡଟା ଭାରି ଭାରି ଲାଗୁଥିଲା ସୌରଭର। ଅଫିସ୍ ଅଧାରୁ ଛୁଟି ନେଇ ଘରକୁ ଚାଲି ଆସିଲା ବିଶ୍ରାମ ନେବାକୁ। ଘରେ ପଶୁପଶୁ ମୁଣ୍ଡ ଗରମ। କିଛିଟା ଜିନିଷ ପତ୍ର ସଠିକ୍ ସ୍ଥାନରେ ନାହିଁ। ଲୁଗାପଟା ବିଞ୍ଚିହୋଇ ପଡିଛି ସୋଫା ଉପରେ। ଏମିତିରେ ବି ସେ ପସନ୍ଦ କରନ୍ତିନି ଫିଙ୍ଗା ଫୋପଡା। ରାଗି ନିଆଁବାଣ ହୋଇ ସିଧା ପାଟିକଲେ ସ୍ତ୍ରୀ-ସୀମା ଉପରେ--- ମୁଁ ଦେଖୁଛି ଆମର ଛୋଟ ପିଲାଟିଏ ଆସିଲା ପରେ... ତମେ ହେଇ ଯାଇଛ ପୂରାପୂରି ବେଖିଆଲ୍...ବେଫିକର। ଘରର ଯତ୍ନ ନେବା ଭୁଲି ଗଲଣି। ଘରଟି ଏକ ନର୍କ କୁଣ୍ଡ କରି ସାରିଲଣି।

ସୀମା ତରତର ହେଇ ଚାଲିଗଲେ... ଏ... ମା' .... ମୋ ଛୁଆ ଉଠି ପଡିଲାଣି କହି।


ଏଣେ ସୌରଭ ମୁଣ୍ଡରେ ଭୂତ ସବାର। ପାଟି ବନ୍ଦ ହେବାର ନାଁ ନେଉ ନ ଥାଏ। କମାଣରୁ ଗୁଳି ବର୍ଷିଲା ପରି ଅନର୍ଗଳ ବର୍ଷି ଚାଲିଥାଏ ଗାଳି। ବାହାଘରର ପାଞ୍ଚ ବର୍ଷ ପରେ ପରେ ଚାଲିଛି ନିଇତି ଏମିତି ଖିଟିଖିଟି। ଏଣିକି ଛୋଟ ଛୋଟ ଭୁଲ ବି ସୌରଭ ନଜରେ ବଡ ହେଇ ଦେଖା ଯାଉଛି। ଏକଥା ନିଜ ମା'କୁ ଅନେକ ଥର ଅଭିଯୋଗ କଲାଣି। ବେଳେବେଳେ ତ ରୋକଠୋକ୍ କହିଦେଉଥିଲେ--- ଗାଁ ରୁ ଆସି ତୋ' ବୋହୁକୁ ବୁଝା... ମୋ ମୁଣ୍ଡ ଖାଇଲାଣି... ତୋ କଥାରେ ପଡି ଏଇ ବାହାଘର ପ୍ରସ୍ତାବରେ ରାଜି ହେଇଥିଲି। ମୁଣ୍ଡକୁ ଚାପି ଧରି ସୌରଭ ଯାଇ ବସି ପଡିଲା ସଫାକୁ ଲାଗି ପଡିଥିବା ଚେୟାରଟା ଉପରେ... ଆଉ ମନେ ମନେ ବିରକ୍ତ ହେଉଥିଲେ ସୀମା ଉପରେ। ହଠାତ୍ ଏତିକି ବେଳକୁ ବାଥରୁମ କବାଟ ଖୋଲି ବାହାରି ଆସିଲେ... ଜଣେ ସ୍ତ୍ରୀ ଲୋକ। ଇଏ ଚାହିଁ ରହିଲା ଜଳକା ହେଇ।

ସିଏ କହିଲେ--- ତୋର କ'ଣ ହେଲା କି ? ଏଡେ ପାଟିରେ ରଡି କାହିଁ ଛାଡୁଛୁ... ବୋହୁକୁ କାହିଁକି ଗାଳି କରୁଛୁ ... କ'ଣ ଟା ଅପରାଧ କରି ପକେଇଲା ଯେ ଗାଳି ବର୍ଷି ଚାଲିଛୁ ସେତେବେଳୁ। ଏ ସବୁ ତ ମୁଁ ଏଇନେ ପହଞ୍ଚି ରଖି ଦେଇଛି। ସୌରଭ ଏକା ଥରକେ ଚୁପ୍.. ଶାନ୍ତ ପଡିଗଲା... ଜିଭ କାମୁଡି ପକାଇଲା। ମାଆର ପାଦ ଛୁଇଁ ନମସ୍କାର କରୁ କରୁ କହିଲା--ମା'... ତମେ ରଖିଛ... ମୁଁ ତ ଭାବିଥିଲି... ଏ ସବୁ ଲୁଗାପଟା ସୀମା ଫିଙ୍ଗାଫିଙ୍ଗି କରିଛି... ମା' ତାକୁ ବୁଝାଇବାକୁ ଯାଇ କହିଲେ... ବାବୁରେ ! ଯାହାର ମନ ଯେଡେ ତା'ର ପ୍ରଭୁ ବି ତେଡେ। ଜୀବନରେ କାହାର ଭୂଲ ଖୋଜିଲେ ଭୁଲ୍ ହିଁ ମିଳିବ... ଭଲ ଗୁଣ ଖୋଜିଲେ ଭଲ ମିଳିବ। ଏଣିକି ଟିକିଏ ଭଲ ଗୁଣ ଖୋଜିବା ଶିଖ୍... ଦେଖିବୁ... ଆଉ ତୋତେ ଫୋନ୍ କରିବାକୁ ପଡି ନ ପାରେ ବୋହୁର ଅଭିଯୋଗ ନେଇ। ସୌରଭ କିଛିଟା ବୁଝି ପାରିଲା ଭଳି ମୁଣ୍ଡ ତଳକୁ କରି ଛିଡା ହେଇଥିଲା। ଏଣେ ବୋହୁ କବାଟ କୋଣରେ ପିଲାକୁ କୋଳରେ ଧରି ଚାହିଁଥିଲା ଏକ ଲୟରେ। ତା' ଛଳଛଳ ଆଖିରେ ଝଲସି ଉଠୁଥିଲା.... ଆଶା ଓ ବିଶ୍ୱାସର ଛବି।

ଘନଶ୍ୟାମ ପଲେଇ



# ନୂଆବର୍ଷ ପ୍ରାର୍ଥନା



( ୧ )

ବିଚରା ଭାସ୍କରର ମେଡିକାଲରେ ସାତଦିନ ହେଲା କଟୁଛି ରାତି। ଡାକ୍ତର କହିଛନ୍ତି ତା ସ୍ତ୍ରୀ କମଳାର କିଡନିଟା ଖରାପ ହୋଇଯାଇଛି। ଅପରେସନ କରିବାକୁ ପଡିପାରେ।

ସୁରଟରେ ମଜୁରି ଖଟି ଯାଇଥିଲା ଯେ ସେଠୁ ଯାବତୀୟ ନିର୍ଯାତନା ସହି ଫେରି ଆସିଛି ଖାଲି ହାତରେ । ସ୍ୱାସ୍ଥ୍ୟ କାର୍ଡ ଖଣ୍ଡେ ହାତେଇ ପାରିନି ଯେ ଏ ସମୟରେ କାମରେ ଲାଗିବ। ସରକାରଙ୍କ ସବୁ ଯୋଜନା ନିମ୍ନ ମଧ୍ୟବିତ୍ତଙ୍କର ଅପହଞ୍ଚ । ନୂଆ ବର୍ଷର ଖୁସି ଆଉ ଭାସ୍କରର ଭାଗ୍ୟ ଦୁଇଟି ସମାନ୍ତରାଳ ସରଳ ରେଖା ପରି ଟଣାଯାଇଛି ଯେମିତି।

ଆଜି ରାତି ପାହିଲା ବେଳକୁ ବଦଳିଯିବ କ୍ୟାଲେଣ୍ଡର। କାହାର କେତେ ଖୁସି, କେତେ ସ୍ୱପ୍ନ। ସ୍ତ୍ରୀ ର ଚିକିତ୍ସା ପାଇଁ ଦୁଇ ମାଣ ଜମି କେମିତି ଭଲରେ ବିକ୍ରି ହୋଇଯାଉ ବୋଲି ନୂଆବର୍ଷ ରେ ଠାକୁରଙ୍କୁ ପ୍ରାର୍ଥନା କରୁଥିଲା ଭାସ୍କର..!!

ଆଳି, କେନ୍ଦ୍ରାପଡା

ରତ୍ନକାନ୍ତି ମିଶ୍ର

( ୨ )

ହୋଟେଲରେ ବାସନ ମାଜୁଥିବା ପିଲାଟେ ଅଇଁଠା ପ୍ଲେଟକୁ ନାକ ପାଖକୁ ନେଇ ବାରମ୍ବାର ଶୁଂଘୁଥିଲା ଓ ମନେ ମନେ ଗୁଣୁଗୁଣୁ ହେଉଥିଲା ଏଇଭଳି ଖାଇବା ପ୍ଲେଟ ଭର୍ତ୍ତିକରି ତା ଭାଗ୍ୟରେ ଜୁଟନ୍ତା ହେଲେ !ଏମିତି ଏକ ନୂଆବର୍ଷ କେବେ ଆସିବ ଯେବେ ସିଏ ଗୋଡ଼ରେ ଗୋଡ଼ ପକେଇ ହୋଟେଲରେ ବସି ବାବୁ ମାନଙ୍କ ପରି ସୁଆଦିଆ ଚିଜ ସବୁ ଖାଇବ..!!

ପଛପଟୁ କାହାର ଗୋଇଠା ରେ ତା' ମନ ଭାଙ୍ଗିଯିବା ସହିତ ହାତରେ ଧରିଥିବା ପ୍ଲେଟଟି ବି ଖସିପଡ଼ି ଭାଙ୍ଗି ଚୁରମାର ହୋଇଗଲା। ପ୍ଲେଟ ଭାଙ୍ଗି ଦେଇଥିବା ଦୋଷରେ ଅଶ୍ରାବ୍ୟ ଭାଷା ସହିତ ଆହୁରି ଦୁଇ ଗୋଇଠା ପ୍ରାପ୍ତ ହେଲା ତାକୁ ନୂଆବର୍ଷ ଅବସରରେ ।

ସେଇ ଦୋଷରେ ସେଦିନର ଖାଇବା ପୁରା ବନ୍ଦ ବୋଲି ନିର୍ଦ୍ଦେଶ ଆସିଲା ହୋଟେଲ ମାଲିକ ଠୁ।

-' ହେ ପ୍ରଭୁ, ଆଜି ଦିନକ ଅଇଁଠା ପ୍ଲେଟରେ ବେଶୀ ବେଶୀ ଖାଇବା ଥାଉ ' ବୋଲି ମନେ ମନେ ପ୍ରାର୍ଥନା କରୁଥିଲା ପିଲାଟି।




# ଛଳନା

ସତ୍ୟନାରାୟଣ ପ୍ରଧାନ

ମେଳା ବୁଲି ସାରି ଘରକୁ ଫେରି ଆସିଲେ ସ୍ୱାମୀ ସ୍ତ୍ରୀ ଓ ସେମାନଙ୍କର ପିଲାଛୁଆ ଦୁହେଁ । କୁନି ପୁଅ ରାସ୍ତାରେ ଯିବା ଆସିବା କରୁଥିବା ଟ୍ରକ୍ ଦେଖି ଖେଳିବାକୁ ଇଚ୍ଛା କରି ଗୋଟେ ଟ୍ରକ୍ କିଣିଥିଲା । ବଡ଼ ଝିଅ ନୂଆ ବର୍ଷ ପରେ ପାଠ ପଢା ଆରମ୍ଭ ପାଇଁ ସାଙ୍ଗରେ ରବର ପେନିସିଲ ନୂଆ ପ୍ରକାରର କଲମ କିଣିଥିଲା । ସ୍ତ୍ରୀ ଲୋକ ଜଣଙ୍କ ପସନ୍ଦ ମୁତାବକ ଘରକରଣା ସାମଗ୍ରୀ ଜିନିଷ ଆଣିଥିଲେ ।

ସବୁ କିଛି କିଣାକିଣି ପରେ ବି ସ୍ତ୍ରୀ ଲୋକ ଜଣଙ୍କ ସ୍ୱାମୀଙ୍କ ଉପରେ ଅସନ୍ତୁଷ୍ଟ ହୋଇ ଆଉ କିଛି ପଶ୍ଚିମ ଦିଗରେ ପଡିଥିବା ଦୋକାନ ମାନଙ୍କରୁ କିଣି ହେଲା ନାହିଁ ଅଭିମାନରେ କହିଥିଲେ । ସ୍ୱାମୀ ଜଣଙ୍କ ତାଙ୍କ ମୁହଁକୁ ଚାହିଁ ମୁଁ କ'ଣ କିଣିବାକୁ ମନା କରୁଥିଲି ଜଣାଇ ଥିଲେ ।

ସ୍ତ୍ରୀ ଲୋକଟି ଅଯଥା ଜିନିଷ କିଣିବାରେ ସ୍ୱାମୀଙ୍କ ଠାରୁ ମନା କରିବା ଶୁଣିବା ଆଗରୁ ତାଙ୍କୁ ଏକା ବୁଲି ଦେଖିବାକୁ ଜାଣିଶୁଣି ଛାଡିଥିଲେ ବୋଲି ସ୍ୱାମୀଙ୍କୁ ଘରେ ବିଶ୍ରାମ କଲାବେଳେ କହୁଥିଲେ । ସେ ତାଙ୍କ କଥା ଶୁଣି ବଡ଼ ପାଟିରେ ହସି ଦେଇ ଆମର ଭଲ ପାଇ ବିବାହ ହେବା ଦିନ ଠାରୁ ତୁମେ ଗୋଟେ ସ୍ୱାମୀର ଭାବନାକୁ ସମ୍ମାନ ନ ଜଣାଇ ଖାଲି ମୋ ସହିତ ସେବେ ଠାରୁ ଛଳନା କରି ଆସିଛ ।

ମେଳାରେ ଏକା ନ ବୁଲି ଗୋଟେ ଦୋକାନ ନିକଟରେ ଆରମ୍ଭରୁ ଶେଷ ଯାଏ ଫେରିବାକୁ ଅପେକ୍ଷା କଲାପରେ ତୁମକୁ ଚିହ୍ନିବାରେ ଆଉ କିଛି ବାକି ନାହିଁ ସ୍ୱାମୀ ଜଣଙ୍କ ସ୍ତ୍ରୀଙ୍କୁ କହିଥିଲେ। ଲାଜରେ ସ୍ତ୍ରୀ ଲୋକଟି ମୁଣ୍ଡ ପୋତି ଆଉ ଏପରି କେବେ ହେବ ନାହିଁ ପୁଣି ଥରେ ଛଳନା କରି କହୁଥିଲା ।।



ମୋ -୯୧୭୮୩୧୩୬୪୪

# ଅନ୍ୟ ଏକ ଆକାଶ

'ସୁନୀଲ ଘର ଖାଲି କରିଦେଲା।ଘରେ ଥିବା ଆସବାବପତ୍ର ବିକ୍ରି କରି ତା'ର ବାକି ଥିବା ଗୋଟିଏ ମାସର ଘରଭଡ଼ା ତୋ ଆକାଉଣ୍ଟରେ ଡିପୋଜିଟ କରି ଦେଇଛି। ଚେକ୍ କରିନେବୁ।ନୂଆ ଭଡାଟିଆ ପାଇଁ ତୁ ବିଜ୍ଞାପନ ଦେଇଦେ।' ବିଦେଶରେ ରହୁଥିବା ପୁଅକୁ ଜଣାଇଲେ ବାପା।

ସେପଟୁ ହୋ ହୋ ହୋଇ ହସି, ପୁଅ କହିଲା,'-ଦେଖିଲ ତ ବାପା,ଟିକେ ଚାଲାକ ଆଉ ଷ୍ଟ୍ରିକ୍ଟ ହେଲେ କାମ କେମିତି ସହଜରେ ଆଦାୟ କରିହେଉଛି ! ଆଚ୍ଛା,ଏତେ ଶୀଘ୍ର କୁଆଡେ ଗଲା ସେ ? ନୂଆ ଭଡାଘର ପାଇଁ ଆଡ଼ଭାନ୍ସ ଟଙ୍କା କେଉଁଠୁ ଯୋଗାଡ଼ କଲା ବିଚରା... ?'

-'ଆମ ଉପର ମହଲାର ସେଇ ଆଟାଚ ବାଥରୁମବାଲା ଗୋଟିକିଆ ବେଡ଼ରୁମ ଘର ବନ୍ଦ ହୋଇ କେବେଠୁ ପଡିଥିଲା। ତାକୁ ସେଇଠି ଆଣି ରଖିଛି। ତୋ ବୋଉ ବି ଖୁସି ମୋର ଏଇ ନିଷ୍ପତ୍ତିରେ। ରୂପା ତା ନିଜ ଆଡୁ କହିଛି,ଏଣିକି ରୋଷେଇ ବାସ ଓ ଆମ ଦାୟିତ୍ୱ ତା'ର ବୋଲି। ସେମାନେ ଭାରି ସ୍ନେହୀ। ଖୁବ୍ ଖୁସି ମନରେ ଏସବୁ କଥା ଶ୍ରୀମନ୍ତ ବାବୁ କହୁଛନ୍ତି ବୋଲି ବୁଝି ପାରିଲା ପୁଅ।

'-ଆପଣ ଏମିତି ମାଗଣାରେ ଗୋଟେ ପରିବାରକୁ ଆଣି ଘରେ ରଖିଲେ ?' ଆଶ୍ଚର୍ଯ୍ୟ ହୋଇ ସୌରଭ ପଚାରିଲା ।

-' ତୋ ପାଇଁ ଟଙ୍କା ସବୁବେଳେ ବଡ଼ ହୋଇ ଦେଖାଯାଉଛି। ସବୁ ଜିନିଷକୁ ଟଙ୍କା ପଇସାରେ ତଉଲା ଯାଏ ନା। ଦୁନିଆରେ ସ୍ନେହ ପ୍ରେମର କିଛି ମୂଲ୍ୟ ଅଛି କି ନାହିଁ ?ଭାବ ଅଭାବରେ ଲୋକ ଲୋକଙ୍କ କାମରେ ଲାଗିବେନି ତ କିଏ ଲାଗିବ ? ତାପରେ ତୁ କିଣିଥିବା ଫ୍ଲାଟର ଭଡା ପଇସା ତୁ ପାଇଯାଉଛୁ। ଏବେ ସେ ମୋ ଘରେ ରହିଛି। ମୁଁ ଯାହାକୁ ଘରେ ରଖିଲେ ତୋର ଆପତ୍ତି ରହିବା କଥା ନୁହେଁ।' ପୁଅ କଥାରେ ଜବାବ ରଖିଲେ ଶ୍ରୀମନ୍ତ ବାବୁ।

-' ତା ବୋଲି ଯାହାକୁ ନାହିଁ ତାକୁ, ରାସ୍ତାରେ ବୁଲୁଥିବା ଲୋକଙ୍କୁ ଡାକି ଆଣି ଘରେ ଜାଗା ଦେବ ? ସେମାନେ ପୁଣି କେତେବେଳେ ତୁମକୁ ବୋକା ବନେଇ ବାହାରି ଯିବେ ନିଜ ରାସ୍ତାରେ।ସେମାନଙ୍କୁ କ'ଣ ଭରସା କରି ହୁଏ ?' ଈଷତ୍ ବିରକ୍ତି ଭାବ ପ୍ରକାଶ କରି କହିଲା ପୁଅ।

-' ଦେଖ ସୌରଭ, ବୋକା ବନିବାର ଥିଲେ ବି ମୋତେ କିଛି ଫରକ୍ ପଡିବନି। ମୁଁ ସେଥିରେ ଖୁସି।ବୋକା ଥିଲି ବୋଲି ତ ଗୋଟିଏ ଛୁଆକୁ ରାସ୍ତାରୁ ଉଠାଇ କୋଳେଇ ନେଇଥିଲି। ଏମିତିକି ତାରି ମୁହଁକୁ ଚାହିଁ ନିଜ ରକ୍ତର ପିଲାକୁ ସଂସାରକୁ ଆଣି ନଥିଲୁ ଆମେ ଦୁହେଁ। ହେଲେ ସେଇ ପୁଅ ଆଜି ନିଜ ସୁଖ କୁ ପ୍ରାଧାନ୍ୟ ଦେଇ ଆଉ କାହାର ଭଲମନ୍ଦ କୁ ପାଶୋରି ଦେଉଛି। ତାକୁ ତ ଠିକ୍ ସଂସ୍କାର ଦେଇ ପାରିଲୁ ନାହିଁ।ଆଉ କାହାଠାରୁ କ'ଣ ଅବା ଆଶା କରିବୁ ?'

ନିଜର ଅତୀତ ଆଉ ବର୍ତ୍ତମାନ ର ମୁଖା ଖୋଲି ଦେଇଥିବା ବୋକା ଲୋକଟିର କଥା କେଇପଦ ସୌରଭ କୁ ଏଇ ମାତ୍ର ଉଚିତ୍ ମାର୍ଗ ଦେଖାଇ ଭଲ ମଣିଷଟିଏ ହେବାକୁ ପ୍ରେରଣା ଯୋଗାଉଥିଲା... !!!

ଆଦ୍ୟାଶା ମହାପାତ୍ର



ନୂଆପଡା, କଟକ

# ବିକାଶ

ପିଚୁ ରାସ୍ତା କିନ୍ତୁ ପିଚୁ ଅଂଶ ଦେଖା ଯାଏ ନାହିଁ କେବେ । ଦେଖାଯାଏ ତ କେବଳ ଘନ କୋଇଲାଗୁଣ୍ଡ। ତାଉପରେ କେବେକେବେ ଛିଞ୍ଚିଯାଏଁ ପାଣି । ସେ ପାଣି ହିଁ କାଳ ହୁଏ। କାରଣ ହଜାର ହଜାର ଟ୍ରକ ଚକରେ ପେଷି ହୋଇ କଳା ପାଉଡର ପାଲଟି ସାରିଥିବା ଗୁଣ୍ଡ ଉପରେ ପାଣି ପଡିଗଲେ ତିଆରି ହୁଏ ଦହିପରି ଏକ ଅର୍ଦ୍ଧ ତରଳ ପଦାର୍ଥ। ସେ ଟାଣିନିଏ ଚକକୁ। ବିଗିଡିଯାଏଁ ବାଲାନ୍ସ। ମୋଡ଼ିମାଡି ହୋଇ ପଡ଼ିଯାଏ ତଳେ। ଠିକ ଆଜି ଯେମିତି ମୁଁ ପଡ଼ିଥିଲି ମୁହଁମାଡି। ଗାଡି ପଡିଥିଲା ଖଣ୍ଡେ ଦୂରେ ଏବଂ ମୋର ମୁଣ୍ଡକୁ ସୁରକ୍ଷା ଦେବାର ସମ୍ପୂର୍ଣ୍ଣ କର୍ତ୍ତବ୍ୟ ନିର୍ବାହ କରିସାରି ଦୂରକୁ ଚାଲିଯାଇଥିଲା ମୋ ହେଲମେଟ। କିଛି ମିନିଟ ପାଇଁ ସେମିତି ପଡ଼ି ରହିଲି ମୁଁ। ମୋ ମୁଣ୍ଡରୁ କିଛି ଦୂରରେ ଚାଲିଯାଉଥିଲା ଟ୍ରକସବୁ । ମୋ ପାଇଁ କାହାପାଖରେ ସମୟ ନଥିଲା ଯେମିତି। କିଛି ମିନିଟ ପରେ ଗୋଡ଼ ହାତ ହଲାଇଥିଲି। ଆଣ୍ଠୁରେ ପ୍ରବଳ ଯନ୍ତ୍ରଣା ହେଉଥିଲା କିନ୍ତୁ ଆଶ୍ୱସ୍ତ ଲାଗୁଥିଲା କାରଣ ଭାଙ୍ଗି ନଥିଲା ଆଣ୍ଠୁ। ଇଚ୍ଛା ହେଉଥିଲା ସେଇଠି ସେମିତି ପଡ଼ି ରହିବା ପାଇଁ ହେଲେ ସେ ଚକରୁ ଛିଟିକି ଆସୁଥିଲା କଳା କଳା କାଦୁଅ କିନ୍ତୁ ସେଇଠି ବି ରଖାଇ ଦେଲା ନାହିଁ। ଗୁରୁଣ୍ଡିଗୁରୁଣ୍ଡି ରାସ୍ତାପାର୍ଶ୍ୱରେ ଥିବା ଗଛତଳକୁ ଚାଲି ଆସିଲି ମୁଁ । ବସିଗଲି ସେଇଠି । ଦେହସାରା ସବୁଆଡେ କଳା କାଦୁଅ । ଚେହେରାରୁ ସେ କଳାକୁ ପୋଛିବାକୁ ଚାହୁଁଥିଲି ମୁଁ ହେଲେ ହାତସାରା ବି ସେଇ କଳା । ହଠାତ ଗଛରୁ ଖସି ପଡିଲା ଦୁଇ ତିନୋଟି ଶୁଖିଲା ପତ୍ର। ମାସମାସ ଧରି କଳା ଗୁଣ୍ଡକୁ ସାମ୍ନା କରୁଥିବା ପତ୍ରରେ ବି ପରସ୍ତ ପରସ୍ତ ଗୁଣ୍ଡ । ବିକଳ ହୋଇ ଉପରକୁ ଚାହିଁଥିଲି ମୁଁ। ଏତେଦିନ ଧରି ଏଇ ରାସ୍ତାରେ ସବୁଦିନ ଯାଉଥିଲେ ବି ଗଛସବୁକୁ ଯେମିତି ନୂଆକରି ଦେଖୁଥିଲି ମୁଁ। ମୋ ଠୁଁ କିଛି ଅଲଗା ନଥିଲା ତାର ଅବସ୍ଥା। କଳା ରଙ୍ଗ ତଳେ ବନ୍ଦୀଥିବା ସବୁଜତା ବିଳାପ କରୁଥିଲା ! ଅକାଳ ମୃତ୍ୟୁକୁ ଅପେକ୍ଷା କରୁଥିଲା ସେ ତଥାପି କିଛି ପତ୍ର ଖସାଇ ମୋତେ ଆଶ୍ୱାସନା ଦେଉଥିବା ଗଛ ଯେମିତି କହୁଥିଲା ତୁ ତ ଚାଲିଯିବୁ, ହେଲେ ମୁଁ..... ମୋ ପାଖରେ ତ ଉତ୍ତର ନଥିଲା । ଏଣୁ ଚୁପଥିଲି ମୁଁ । ଆଖିରୁ କିନ୍ତୁ କିଛି ବୁନ୍ଦା ନିଗିଡି ମିଶି ଯାଉଥିଲା ଗାଲର କଳା କାଦୁଅରେ। ରାସ୍ତାରେ ଯାଉଥିଲା ଟ୍ରକସବୁ। ତା'ର ଚକରୁ ଶୁଣା ଯାଉଥିଲା ଚରର ଚରର ଶବ୍ଦ କିନ୍ତୁ ମୋତେ ବିକାଶ ବିକାଶ ଶୁଣା ଯାଉଥିଲା !

ଶିବାଶିଷ ପାଢ଼ୀ
ହେମଗିର ସୁନ୍ଦରଗଡ଼
ମୋ-୯୭୭୮୧୭୪୯୭୮

# ସିଡ୍‌ନୀ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ଘୋଷଣା କଲା ଚୂଡ଼ାନ୍ତ ଏକାଦଶ

**ସିଡ୍‌ନୀ**



ଭାରତ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ଶେଷ ଟେଷ୍ଟ ପାଇଁ ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି ଅଷ୍ଟ୍ରେଲିଆ। ଶୁକ୍ରବାର ସିଡ୍‌ନୀରେ ମ୍ୟାଚ୍ ଆରମ୍ଭ ହେବ। ଏହାର ଦିନକ ପୂର୍ବରୁ ଅଷ୍ଟ୍ରେଲିଆ ତା'ର ଚୂଡ଼ାନ୍ତ ୧୧ ଜଣ ଖେଳାଳିଙ୍କ ନାଁ ସାର୍ବଜନୀନ କରିଛି। ବର୍ତ୍ତମାନ ସିରିଜ ଅଷ୍ଟ୍ରେଲିଆ ସପକ୍ଷରେ ୨-୧ରେ ରହିଛି। ଭାରତ କମବ୍ୟାକ ଲକ୍ଷ୍ୟରେ ରହିଥିବା ବେଳେ ଅଷ୍ଟ୍ରେଲିଆ ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱପୂର୍ଣ୍ଣ।

ଗୁରୁତ୍ୱପୂର୍ଣ୍ଣ ସିଡ୍‌ନୀ ଟେଷ୍ଟ ପୂର୍ବରୁ ଅଷ୍ଟ୍ରେଲିଆ ଘୋଷଣା କରିଥିବା ଚୂଡ଼ାନ୍ତ ଏକାଦଶରୁ ମିଚେଲ ମାର୍ଶ ବାଦ୍ ପଡ଼ିଛନ୍ତି। ତାଙ୍କ ବଦଳରେ ବେଆଉ ୱେବଷ୍ଟରଙ୍କୁ ସାମିଲ କରାଯାଇଛି। ୩୧ ବର୍ଷୀୟ ୱେବଷ୍ଟର ଅଷ୍ଟ୍ରେଲିଆ ପାଇଁ ଟେଷ୍ଟରେ ଡେବ୍ୟୁ କରିବାକୁ ଯାଉଛନ୍ତି। ୱେବଷ୍ଟର ଘରୋଇ ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ଭାବେ ଭଲ ପ୍ରଦର୍ଶନ କରି ଚାଲିଛନ୍ତି। ଉଭୟ ବ୍ୟାଟିଂ ଓ ବୋଲିଂରେ ସେ ବେଶ୍ ମାହିର। ତେଣୁ ମାର୍ଶଙ୍କ ବଦଳରେ ତାଙ୍କୁ ସୁଯୋଗ ମିଳିଛି। ମାର୍ଶ ଚଳିତ ବର୍ଡର-ଗାଭାସ୍କର ଟ୍ରଫିରେ ନିଜର ଫର୍ମକୁ ନେଇ ସଂଘର୍ଷ କରୁଥିଲେ। ସେ ୪ଟି ଟେଷ୍ଟରେ କେବଳ ୭୩ ରନ କରିପାରିଥିଲେ। ତେଣୁ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ସିଡ୍‌ନୀ ଟେଷ୍ଟରୁ ବାଦ୍ ଦିଆଯାଇଛି।

ଅଷ୍ଟ୍ରେଲିଆ ଦଳ : ସାମ କୋନଷ୍ଟାସ, ଉସମାନ ଖାୱାଜା, ମାର୍ନସ ଲାବୁଶେନ, ଷ୍ଟିଭ ସ୍ମିଥ, ଟ୍ରାଭିସ ହେଡ୍, ୱେବଷ୍ଟର, ଆଲେକ୍ସ କେରୀ (ୱିକେଟ କିପର), ପାଟ କମିନ୍ସ(ଅଧିନାୟକ), ମିଚେଲ ଷ୍ଟାର୍କ, ନାଥନ ଲାୟନ ଓ ସ୍କଟ ବୋଲାଣ୍ଡ।

# ୪ ଜଣଙ୍କୁ ଖେଳରତ୍ନ ଓ ୩୨ ଜଣଙ୍କୁ ମିଳିବ ଅର୍ଜୁନ ପୁରସ୍କାର

**ଡି. ଗୁକେଶ, ମନୁ ଭାକର, ହରମନପ୍ରୀତି ସିଂହ ଓ ପ୍ରବୀଣ କୁମାରଙ୍କୁ ମିଳିବ ଖେଳରତ୍ନ ପୁରସ୍କାର। ୩୨ଜଣଙ୍କୁ ଅର୍ଜୁନ ପୁରସ୍କାର। ତାଲିକାରେ ନାହିଁ କୌଣସି କ୍ରିକେଟରଙ୍କ ନାଁ।**

**ନୂଆଦିଲ୍ଲୀ**

ବିଶ୍ୱ ଚେସ୍ ଚାମ୍ପିଅନ୍ ଡି. ଗୁକେଶ ଓ ଅଲିମ୍ପିକ୍ସରେ ୨ଟି ପଦକ ଜିତିଥିବା ଷ୍ଟାର ଶୁଟର୍ ମନୁ ଭାକରଙ୍କୁ ମିଳିବ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ। ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର। ମନୁ ଭାକର ଓ ଡି. ଗୁକେଶଙ୍କ ସମେତ ପୁରୁଷ ହକି ଦଳର ଅଧିନାୟକ ହରମନପ୍ରୀତି ସିଂହ ଓ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ପ୍ରବୀଣ କୁମାରଙ୍କୁ ଖେଳରତ୍ନ ପୁରସ୍କାର ଦେଇ ସମ୍ମାନିତ କରାଯିବ।

ବର୍ଷ ୨୦୨୪ରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ୪ ଖେଳାଳିଙ୍କୁ ଖେଳରତ୍ନ ପୁରସ୍କାର ଦିଆଯିବ। ଜାନୁଆରୀ ୧୭ରେ ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ମାନିତ ହେବେ ଏହି ୪ ଖେଳାଳି। ଏନେଇ ଗୁରୁବାର କ୍ରୀଡ଼ା ମନ୍ତ୍ରଣାଳୟ ଘୋଷଣା କରିଛି। ସବୁଠାରୁ ବଡ଼ କଥା ହେଉଛି ଏଥର ଖେଳରତ୍ନ ବା ଅର୍ଜୁନ ପୁରସ୍କାର ପାଇଁ ଚୟନ ହୋଇଥିବା ଖେଳାଳିଙ୍କ ମଧ୍ୟରେ କୌଣସି କ୍ରିକେଟରଙ୍କ ନାଁ ନାହିଁ।

ଏନେଇ କ୍ରୀଡ଼ା ମନ୍ତ୍ରାଣାଳୟ ପକ୍ଷରୁ ଜାରି ହୋଇଥିବା ଏକ ବିବୃତିରେ କୁହାଯାଇଛି ଯେ କମିଟିର ସୁପାରିସ ଓ ଯାଞ୍ଚ ପରେ ସରକାର ଏହି କ୍ରୀଡ଼ାବିତ୍, କୋଚ୍, ବିଶ୍ୱବିଦ୍ୟାଳୟ ଏବଂ ସଂସ୍ଥାକୁ ପୁରସ୍କାର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରକାଶ ଯୋଗ୍ୟ ୨୦୨୪ ପାଇଁ ଖେଳରତ୍ନ ସହିତ ୩୨ଜଣଙ୍କୁ ଅର୍ଜୁନ ପୁରସ୍କାର ଏବଂ ତିନିଜଣ ପ୍ରଶିକ୍ଷକଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯିବ। ସେହିଭଳି ମୌଲାନା ଅବୁଲ କଲାମ ଆଜାଦ ଟ୍ରଫି ମଧ୍ୟ ତିନୋଟି ବିଶ୍ୱବିଦ୍ୟାଳୟ ନାଁ ଘୋଷଣା କରାଯାଇଛି। ଉଲ୍ଲେଖ ଯୋଗ୍ୟ, ନିକଟରେ ମନୁ ଭାକର ସମ୍ମାନଜନକ ଖେଳରତ୍ନ ପୁରସ୍କାର ପାଇଁ ମନୋନୀତ ତାଲିକାରୁ ବାଦ୍ ପଡ଼ିଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଯାହାକୁ ନେଇ ବେଶ୍ ବିବାଦ ଉପୁଜିଥିଲା। ଶୁଟର ମନୁଙ୍କ ପିତା ରାମ କିଶନ ଓ ପ୍ରଶିକ୍ଷକ ଜସ୍‌ପାଲ ରାଣା ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ସମାଲୋଚନା କରିଥିଲେ। ମନୁଙ୍କ ପିତା ରାମ କିଶନ ଭାକର କହିଥିଲେ ଯେ ତାଙ୍କ ଝିଅକୁ ସୁଟର ବଦଳରେ କ୍ରିକେଟର କରାଇବାର ଥିଲା। ଅନ୍ୟପଟେ ମନୁ ଭାକର ଏଥିପାଇଁ କରିଥିବା ଆବେଦନରେ କିଛି ତ୍ରୁଟି ରହିଯାଇଥିବ କହି ବିବାଦରେ ତାଳି ପକାଇବାକୁ ଚେଷ୍ଟା କରିଥିଲେ।



# ଆଜିଠୁ ସିଡ୍‌ନୀ ଟେଷ୍ଟ : ବାଦ୍ ପଡ଼ିଲେ ରୋହିତ ଶର୍ମା !

**ନୂଆଦିଲ୍ଲୀ**



ଶୁକ୍ରବାର ଠାରୁ ବର୍ଡର-ଗାଭାସ୍କର ଟ୍ରଫିର ଶେଷ ମ୍ୟାଚ୍ ସିଡ୍‌ନୀରେ ଆରମ୍ଭ ହେବ। ଏହି ମ୍ୟାଚ୍‌ରେ ନଜର ଆସିବେ ନାହିଁ ଭାରତୀୟ ଟିମ୍‌ର ଅଧିନାୟକ ରୋହିତ ଶର୍ମା। ନିଜର ଫର୍ମ ଓ କ୍ୟାପ୍ଟେନ୍ସିପ୍ ପାଇଁ ସମାଲୋଚନାର ଶିକାର ହୋଇ ଚାଲିଥିବା ରୋହିତ ଶେଷରେ ଟିମ୍ ଇଣ୍ଡିଆରୁ ବାଦ୍ ପଡ଼ିଛନ୍ତି। ତାଙ୍କୁ ଚୂଡ଼ାନ୍ତ ଏକାଦଶରୁ ବାଦ୍ ଦିଆଯାଇଥିବାରୁ ସେ ମଧ୍ୟ ଖୁବ୍‌ଶୀଘ୍ର ଟେଷ୍ଟ କ୍ରିକେଟକୁ ଅଲବିଦା କହିବେ ବୋଲି ଜଣାପଡ଼ିଛି।

ରୋହିତ ବର୍ଡର-ଗାଭାସ୍କର ଟ୍ରଫିରେ ଏଯାଏ ୩ଟି ଟେଷ୍ଟ ଖେଳିଥିବା ବେଳେ କେବଳ ୩୧ ରନ କରିଛନ୍ତି। ତାଙ୍କ ବ୍ୟାଟିଂ ହାର ମାତ୍ର ୬ ରହିଛି। ଏଥିପାଇଁ ରୋହିତଙ୍କୁ ତୀବ୍ର ସମାଲୋଚନା ହେବାକୁ ପଡ଼ିଥିଲା। ଏହାକୁ ଦୃଷ୍ଟିରେ ରଖି ରୋହିତଙ୍କୁ ଟିମ୍ ଇଣ୍ଡିଆରୁ ବାଦ ଦେବାକୁ ନିଷ୍ପତ୍ତି ହୋଇଛି।

ସିଡ୍‌ନୀ ଟେଷ୍ଟ ପୂର୍ବରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ନଜର ଆସିଥିଲେ। ସେ ମଧ୍ୟ ରୋହିତ ଶୁକ୍ରବାର ଚୂଡ଼ାନ୍ତ ଏକାଦଶରେ ରହିବେ କି ନାହିଁ, ତା'ର ଉତ୍ତର ଦେଇନାହାନ୍ତି। ପିଚ୍‌କୁ ଦେଖି ଚୂଡ଼ାନ୍ତ ଏକାଦଶ ପ୍ରସ୍ତୁତ ହେବ ବୋଲି କହିବା ପରେ ରୋହିତ ଦଳରେ ନଥିବା ସ୍ପଷ୍ଟ ହୋଇଛି। ଗୁରୁବାର ପ୍ରେସ କନଫରେନ୍ସ ପରେ ଗମ୍ଭୀର ଟିମ୍ ଇଣ୍ଡିଆର ଅଭ୍ୟାସ ଶିବିରରେ ପହଞ୍ଚିଥିଲେ। ସେଠାରେ ରୋହିତଙ୍କୁ ସ୍ଲିପ୍ କର୍ଡନରେ ଦେଖିବାକୁ ମିଳି ନଥିଲା। ବିରାଟ ପ୍ରଥମ ସ୍ଲିପରେ ଥିବା ବେଳେ କେଏଲ ରାହୁଲ ଦ୍ୱିତୀୟ ଓ ନୀତୀଶ କୁମାର ରେଡ୍ଡୀ ତୃତୀୟ ସ୍ଲିପ୍‌ରେ ରହିଥିଲେ। ଏହି ଫିଲ୍ଡିଂ ଅଭ୍ୟାସରୁ ମଧ୍ୟ ସ୍ପଷ୍ଟ ହୋଇଛି ଯେ ରୋହିତ ଶୁକ୍ରବାର ଚୂଡ଼ାନ୍ତ ଏକାଦଶରେ ରହିବେ ନାହିଁ।

ଚଳିତ ଟେଷ୍ଟ ଋତୁରେ ରୋହିତଙ୍କ ବ୍ୟାଟ ଆଦୌ ଚାଲିନାହିଁ। ୩ଟି ସିରିଜ୍‌ର ୧୫ଟି ଇନିଂସରେ ସେ କେବଳ ୧୦.୯୩ ହାରରେ ୧୬୪ ରନ କରିଛନ୍ତି। ଏଥିରେ ଗୋଟିଏ ଅର୍ଦ୍ଧଶତକ ରହିଛି।

ଅନ୍ୟପକ୍ଷରେ ରୋହିତଙ୍କୁ ଯଦି ଚୂଡ଼ାନ୍ତ ଏକାଦଶରୁ ବାଦ୍ ଦିଆଯାଉଛି, ତା'ହେଲେ ପର୍ଥ ଟେଷ୍ଟ ଭଳି ଯଶପ୍ରୀତ ବୁମ୍ରା ଦଳର କମାଣ ସମ୍ଭାଳିବେ। ସେହିପରି ଶୁବମନ ଗିଲ୍‌ଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯିବ। ପର୍ଥ ଟେଷ୍ଟରେ ଯେଉଁଭଳି ରାହୁଲ ଓ ଯଶସ୍ୱୀ ଜୈସ୍ୱାଲ ଓପନ କରିଥିଲେ, ସିଡ୍‌ନୀରେ ମଧ୍ୟ ସେମିତ ହେବ। ଗିଲ ୩ନଂରେ ଖେଳିବେ। ଆହତ କାରଣରୁ ଆକାଶ ଦୀପ୍ ସିଡ୍‌ନୀ ଟେଷ୍ଟରୁ ବାଦ ପଡ଼ିଛନ୍ତି। ତେଣୁ ପ୍ରସିଦ୍ଧ କ୍ରିଷ୍ଣା କିମ୍ବା ହର୍ଷିତ ରାଣାଙ୍କ ମଧ୍ୟରୁ ଜଣେ ଚୂଡ଼ାନ୍ତ ଏକାଦଶରେ ରହିବେ।

## ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଇଷ୍ଟକୋଷ୍ଟ ରେଲୱେକୁ ହରାଇ ଇଲେଭେନ୍ ଷ୍ଟାର ଯାଜପୁର ସେମିରେ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ସହରର କୁସୁମା ପଡ଼ିଆଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୧୬ତମ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଇଷ୍ଟକୋଷ୍ଟ ରେଲୱେ ଓ ଇଲେଭେନ୍ ଷ୍ଟାର ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଲେଭେନ୍ ଷ୍ଟାର ଯାଜପୁର ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇ ଇଷ୍ଟକୋଷ୍ଟ ରେଲୱେକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ପ୍ରଥମେ ଇଷ୍ଟକୋଷ୍ଟ ରେଲୱେ ୨୮ ଓଭର ଖେଳି ୧୦ ଉଇକେଟ୍ ହରାଇ ୧୫୩ ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ଆଶୁତୋଷ ମାରାଣ୍ଡି ୩୦ ରନ୍ ଓ ସୁଜିତ କୁମାର ୨୯ ରନ୍ ସଂଗ୍ରହ କରିଥିଲେ। ଇଲେଭେନ୍ ଷ୍ଟାର ଯାଜପୁରର ବୋଲର ବିଜୟ କୁମାର ୫ ଓଭର ବୋଲିଂ କରି ୨୭ ରନ୍ ଦେଇ ୩ଟି ଉଇକେଟ୍ ଅକ୍ତିଆର କରିଥିବାବେଳେ ରଜନୀକାନ୍ତ ଦାସ ୫.୨ ଓଭର ବୋଲିଂ କରି ୨୮ ରନ୍ ଦେଇ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ଏହାର ଜବାବରେ ଇଲେଭେନ୍ ଷ୍ଟାର ଯାଜପୁର ୨୭.୨ ଓଭର ଖେଳି ୯ ଉଇକେଟ୍ ହରାଇ ୧୫୬ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା। ଦଳପକ୍ଷରୁ ରଜନୀକାନ୍ତ ଦାସ ୨୭ ରନ୍ ଓ ସତ୍ୟକାମ ଭରଦ୍ୱାଜ ୨୭ ରନ୍ ସଂଗ୍ରହ କରିଥିଲେ। ଇଷ୍ଟକୋଷ୍ଟ ରେଲୱେର ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ ୬ ଓଭର ବୋଲିଂ କରି ୨୫ ରନ୍ ଦେଇ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ଏହି ମ୍ୟାଚ୍‌ରେ ଇଲେଭେନ୍ ଷ୍ଟାର ଯାଜପୁର ବିଜୟ ହାସଲ କରି ସେମି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଗୁରୁବାରର ଏହି ମ୍ୟାଚରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ରଜନୀକାନ୍ତ ଦାସଙ୍କୁ ଏମ୍.ସି.ସି. କ୍ଲବ୍‌ର ବରିଷ୍ଠ ସଭ୍ୟ ତଥା କ୍ରିକେଟିୟର ରତିକାନ୍ତ ସାହୁ ପୁରସ୍କୃତ କରିଥିଲେ। ଏହି ମ୍ୟାଚ୍‌କୁ ମେଲବୋର୍ଣ୍ଣ କ୍ରିକେଟ୍ କ୍ଲବର ସଭାପତି ଅଭୟ ବଲ୍ଲଭ ପଣ୍ଡା, ବିଶିଷ୍ଟ କ୍ରୀଡ଼ାବିତ୍ ଶ୍ରୀଜୟ ମହାପାତ୍ର, ଯୁବନେତା ମନୋଜ ସାହୁ, ସୁବାଶିଷ ରାଉତ, ଅନିଲ ଦାସ, ବିଶ୍ୱଜିତ୍ ଦାସ, ପାର୍ଥସାରଥୀ ବେହେରା, ଉମାକାନ୍ତ ସିଂହ, ସ୍ୱସ୍ତିକ ପହୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ମ୍ୟାଚ୍‌କୁ ଅମ୍ପାୟାର ଭାବେ ଆଶୁତୋଷ ପାଣି ଓ ସତ୍ୟବ୍ରତ ଜେନା ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ବିକାଶ ଧଳ ପରିଚାଳନା କରିଥିଲେ।



# ଟେଷ୍ଟ କ୍ରିକେଟ୍‌ରେ ଭାରତ ପାଇଁ ବିଫଳତାର ବର୍ଷ

**ନୂଆଦିଲ୍ଲୀ**

୨୦୨୪ ଭାରତ ପାଇଁ ଟେଷ୍ଟ କ୍ରିକେଟ୍‌ରେ ଅନ୍ୟତମ ବିଫଳତାର ବର୍ଷ ପ୍ରମାଣିତ ହୋଇଛି। ଏହି ବର୍ଷ ଭାରତ ୫ଟି ଟେଷ୍ଟମ୍ୟାଚ୍ ହାରିଛି। ସଚିନ ତେନ୍ଦୁଲକରଙ୍କ ପରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଏକ ବର୍ଷରେ ୫ଟି ଟେଷ୍ଟମ୍ୟାଚ୍‌ରେ ପରାସ୍ତ ହୋଇଛି। ଏହି ବର୍ଷ ଭାରତ ୬ଟି ଟେଷ୍ଟ ଇନିଂସରେ ୧୬୦ରୁ କମ୍ ରନ୍‌ରେ ଅଲ୍‌ଆଉଟ୍ ହୋଇଛି। ୧୯୫୨ ଓ ୧୯୫୯ରେ ଭାରତ ଏହି ଦୁର୍ଦ୍ଦଶା ଭୋଗିଥିଲା। ୨୦୧୪-୧୫ରେ ଶେଷଥର ଭାରତ ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ଅଷ୍ଟ୍ରେଲିଆ ୧ରୁ ଅଧିକ ଟେଷ୍ଟମ୍ୟାଚ୍ ଜିତିଥିଲା।

ଏହାପରେ ଭାରତଠାରୁ କ୍ରମାଗତ ୪ଟି ଟେଷ୍ଟ ଶୃଙ୍ଖଳା ଅଷ୍ଟ୍ରେଲିଆ ହାରିଛି। ଚଳିତ ସିଜିନ୍‌ରେ ରୋହିତ ଶର୍ମା ୮ଟି ଟେଷ୍ଟମ୍ୟାଚ୍‌ର ୧୫ଟି ଇନିଂସରେ ୧୦.୯୩ ଆଭରେଜ୍‌ରେ ରନ୍ କରିଛନ୍ତି। ଶୀର୍ଷ ୭ନଂ ସ୍ଥାନରେ ଥିବା ବ୍ୟାଟ୍‌ସମ୍ୟାନଙ୍କ ମଧ୍ୟରେ ବିଶ୍ୱରେ ଏହା ସର୍ବନିମ୍ନ। ଏହି ୧୫ଟି ଇନିଂସରୁ ରୋହିତ ୧୦ଟି ଇନିଂସରେ ଦୁଇଅଙ୍କ ସ୍କୋର କରି ପାରିନାହାନ୍ତି। ୨୦୨୪ରେ ଯଶପ୍ରୀତ ବୁମ୍‌ରା ୱିକେଟ୍ ପିଛା ମାତ୍ର ୧୪.୯୨ ରନ୍ ବ୍ୟୟ କରିଛନ୍ତି। ୨୦୨୪ରେ ଯଶସ୍ୱୀ ଜୟସ୍ୱାଲ ୧୪୭୮ ରନ୍ କରିଛନ୍ତି। ଭାରତୀୟ ଟେଷ୍ଟ କ୍ରିକେଟ୍ ଇତିହାସରେ ୨୦୧୦ରେ ସଚିନ ତେନ୍ଦୁଲକରଙ୍କ ପରେ ଏକ ବର୍ଷରେ ଏହା ୨ୟ ସର୍ବାଧିକ ରନ୍।

# ଶୁବମାନ ଗିଲ୍‌ଙ୍କ ସମେତ ୪ ଭାରତୀୟ କ୍ରିକେଟର ହୋଇପାରନ୍ତି ଗିରଫ

**ନୂଆଦିଲ୍ଲୀ**



ଭାରତର ୪ ନାମିଦାମୀ କ୍ରିକେଟରଙ୍କୁ ଗୁଜରାଟର ସିଆଇଡି ଶାଖା ସମନ ଜାରି କରିଛି। ଏହି ଚାରି କ୍ରିକେଟରଙ୍କ ନାମ ହେଉଛି ଶୁବମାନ ଗିଲ, ରାହୁଲ ତେୱାଟିଆ, ମୋହିତ ଶର୍ମା ଏବଂ ସାଇ ସୁଦର୍ଶନ। ଯେଉଁମାନଙ୍କୁ ୪୫୦ କୋଟି ଟଙ୍କା ଚିଟ୍‌ଫଣ୍ଡ ସ୍କାମ୍‌ରେ ଗିରଫ କରାଯାଇପାରେ। ଅନୁସନ୍ଧାନକାରୀ ସଂସ୍ଥା ଦ୍ୱାରା ନିବେଶ ଠକେଇର କିଙ୍ଗପିନ ଭୁପେନ୍ଦ୍ର ସିଂ ଜାଲାଙ୍କୁ ପଚରାଉଚରା ବେଳେ ଏହି ମାମଲା ସାମ୍ନାକୁ ଆସିଛି। ସେ ପ୍ରକାଶ କରିଛନ୍ତି ଯେ ନିମ୍ନଲିଖିତ ଚାରିଜଣ କ୍ରିକେଟର ଇନଭେଷ୍ଟ କରାଯାଇଥିବା ଟଙ୍କାକୁ ଫେରସ୍ତ କରିନାହାଁନ୍ତି।

ଅନୁସନ୍ଧାନକାରୀ ଅଧିକାରୀଙ୍କ ଅନୁଯାୟୀ, ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଗୁଜରାଟ ଟାଇଟାନ୍ସକୁ ଅଧିନାୟକତ୍ୱ କରୁଥିବା ଶୁବମାନ ଗିଲ୍ ଠକେଇ ଯୋଜନାରେ ୧.୯୫ କୋଟି ଟଙ୍କା ନିବେଶ କରିଥିଲେ। ତାଙ୍କ ବ୍ୟତୀତ ଅନ୍ୟ ତିନିଜଣ କ୍ରିକେଟର ତାଙ୍କ ତୁଳନାରେ କମ୍ ଅର୍ଥ ନିବେଶ କରିଛନ୍ତି। ଭୁପେନ୍ଦ୍ର ସିଂ ଜାଲାଙ୍କ ଆକାଉଣ୍ଟ ପରିଚାଳନା କରୁଥିବା ଋଷିକ ମେହେଟାଙ୍କୁ ସିଆଇଡି ଅଧିକାରୀ ଗିରଫ କରିଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଯଦି ମେହେଟା ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଗମ୍ଭୀରଙ୍କ ଅଧୀନରେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି ଖେଳାଳି

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଟିମ୍‌ର ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କୁ ନେଇ ଆସିଛି ସାଂଘାତିକ ତଥ୍ୟ। ତାଙ୍କ ଅଧୀନରେ ଖେଳାଳିମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ବର୍ଡର-ଗାଭାସ୍କର ଟ୍ରଫିରେ ଟିମ୍ ଇଣ୍ଡିଆର ନୈରାଶ୍ୟଜନକ ପ୍ରଦର୍ଶନ ପରେ ସମସ୍ତଙ୍କ ଫୋକସ୍ ଗମ୍ଭୀରଙ୍କ ଉପରେ ରହିଛି। ଭାରତୀୟ ଟିମ୍ ୨୦୨୪ ଜୁନ୍ ମାସରେ ଶେଷଥର ପାଇଁ ସଫଳତା ପାଇଥିଲା। ରାହୁଲ ଦ୍ରାଭିଡ୍‌ଙ୍କ କୋଚିଂରେ ଭାରତୀୟ ଟିମ୍ ଟି-୨୦ ବିଶ୍ୱକପ ଜିତିଥିଲା।

ଏହି ବିଶ୍ୱକପ ପରେ ଗୌତମ ଗମ୍ଭୀର ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ହୋଇଥିଲେ। ଆଶା କରାଯାଉଥିଲା ଯେ ଗମ୍ଭୀରଙ୍କ ଅଧୀନରେ ମଧ୍ୟ ଭାରତୀୟ ଟିମ୍ ଦମ୍‌ଦାର ପ୍ରଦର୍ଶନ କରିବ। କିନ୍ତୁ ଗମ୍ଭୀର ଆସିବା ପରେ ଭାରତୀୟ ଟିମ୍ ଶ୍ରୀଲଙ୍କା ଠାରୁ ଦିନିକିଆ ସିରିଜ ହାରିଥିଲା। ନ୍ୟୁଜିଲାଣ୍ଡ ଠାରୁ ଦୀର୍ଘ ବର୍ଷ ପରେ ଘରୋଇ ମାଟିରେ ଖେଳୁଥିବା ଟେଷ୍ଟ ସିରିଜ୍‌ରେ ମୂଳପୋଛ ହୋଇଗଲା। ଏବେ ବର୍ଡର-ଗାଭାସ୍କର ଟ୍ରଫିରେ ମଧ୍ୟ ଭାରତୀୟ ଟିମ୍ ୧-୨ ପଛରେ ରହିଛି। ଯଦି ଭାରତୀୟ ଟିମ୍ ଶୁକ୍ରବାର ଠାରୁ ଆରମ୍ଭ ହେଉଥିବା ଶେଷ ଟେଷ୍ଟ ନ ଜିତିବ, ତା'ହେଲେ ଦଳ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲରୁ ବାଦ୍ ପଡ଼ିବ।

ଏସବୁ ଭିତରେ ପିଟିଆଇରେ ରିପୋର୍ଟ ପ୍ରକାଶ ପାଇଛି ଯେ ଗମ୍ଭୀରଙ୍କ ସହ ଅନେକ ଖେଳାଳିଙ୍କ ପଡୁନାହିଁ। ରାହୁଲ ଦ୍ରାଭିଡ୍ ଓ ରବି ଶାସ୍ତ୍ରୀଙ୍କ ସମୟରେ ଯେଉଁଭଳି ଖେଳାଳିମାନେ ସବୁ କିଛି ମୁକ୍ତ ଭାବେ କରିପାରୁଥିଲେ, ଏବେ ସେମିତି କିଛି କରିପାରୁ ନାହାନ୍ତି। ପୂର୍ବଭଳି ଏବେ ବି ଚୟନ ସମ୍ପର୍କରେ ଅଧିନାୟକ ରୋହିତ ଶର୍ମା ବ୍ୟକ୍ତିଗତ ଭାବେ ଖେଳାଳିଙ୍କ ସହ କଥା ହେଉଛନ୍ତି। କିନ୍ତୁ ଗମ୍ଭୀର ଜୁଲାଇ ମାସରେ ଦାୟିତ୍ୱ ନେବା ପରେ ରୋହିତ ମଧ୍ୟ ଅତି ଜୁନିୟର ନଥିବା ଖେଳାଳି କାହିଁକି ଚୂଡ଼ାନ୍ତ ଏକାଦଶରୁ ବାଦ୍ ପଡ଼ିଲେ, ସେକଥା ସ୍ପଷ୍ଟ ଭାବେ କହିପାରୁନାହାନ୍ତି। ଗମ୍ଭୀର ଦଳରେ ନିୟମିତ ଭାବେ ପରୀକ୍ଷାନିରୀକ୍ଷା କରୁଛନ୍ତି। ଏଥିପାଇଁ ଅଧିକାଂଶ ଖେଳାଳି ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଗମ୍ଭୀରଙ୍କୁ କିଛି ଖେଳାଳି ଆଦୌ ବିଶ୍ୱାସକୁ ନେଉ ପାରୁନାହାନ୍ତି। ଏପରି ସ୍ଥିତିରେ ଗମ୍ଭୀରଙ୍କୁ ନିଜ ଦକ୍ଷତାର ପରିଚୟ ଦେବା ପାଇଁ ଗୋଟିଏ ଟେଷ୍ଟ ଓ ଫେବୃୟାରୀରୁ ଆରମ୍ଭ ହେଉଥିବା ଚାମ୍ପିୟନ୍ସ ଟ୍ରଫି ଶେଷ ଯାଏ ସମୟ ଦିଆଯାଇଛି। ଯଦି ସିଡ୍‌ନୀ ଟେଷ୍ଟ ଓ ଚାମ୍ପିୟନ୍ସ ଟ୍ରଫିରେ ଭାରତ ଭଲ ପ୍ରଦର୍ଶନ ନ କରିବ, ତା'ହେଲେ ଗମ୍ଭୀରଙ୍କ ସ୍ଥାନ ଆଉ ସୁରକ୍ଷିତ ନୁହେଁ।



ଗମ୍ଭୀରଙ୍କ ସହ ଚୟନ କମିଟିର ସମ୍ପର୍କ କେମିତି ରହିଛି, ସେକଥା ବି କାହାକୁ ଜଣାନାହିଁ। ଚୂଡ଼ାନ୍ତ ଏକାଦଶରେ ବାରମ୍ବାର ପରିବର୍ତ୍ତନ କରାଯାଉଥିବାରୁ ଦଳରେ ଥିବା ଟିମ୍ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଯଦି ଚାମ୍ପିୟନ୍ସ ଟ୍ରଫି ବେକାର ଯିବ, ତା'ହେଲେ ଗମ୍ଭୀରଙ୍କ ପକ୍ଷ ଛେଦନ ସୁନିଶ୍ଚିତ ବୋଲି ବିସିସିଆଇର ଜଣେ ଅଧିକାରୀ ନିଜ ନାଁ ଗୋପନ ରଖି କହିଛନ୍ତି।

ଅଧିକାରୀ ଆହୁରି କହିଛନ୍ତି, "ଗମ୍ଭୀର ବିସିସିଆଇର ପ୍ରଥମ ପସନ୍ଦ ନଥିଲେ। ଭିଭିଏସ୍ ଲକ୍ଷ୍ମଣଙ୍କୁ ବିସିସିଆଇ ଚାହୁଁଥିଲେ। ସେହିପରି ଅଧିକାଂଶ ବିଦେଶୀ କୋଚ୍ ୩ଟି ଯାକ ଫର୍ମାଟର ଦାୟିତ୍ୱ ନେବାକୁ ଚାହୁଁ ନଥିଲେ। ଏହାବାଦ୍ କିଛି ବାଧ୍ୟବାଧକତା ମଧ୍ୟ ରହିଥିଲା। ସବୁ କିଛି ବୁଝାମଣା କରି ବିସିସିଆଇ ଗମ୍ଭୀରଙ୍କୁ ମୁଖ୍ୟ କୋଚ୍ କରିଥିଲା।"

## ସିଟିଜେନ ଫୋରମ୍‌ର ବାର୍ଷିକୋତ୍ସବ

# ମୟୂରଭଞ୍ଜ ମିଶ୍ରଣ ଦିବସ ପାଳନ ଓ ଗେଜେଟ୍ ଉନ୍ମୋଚିତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ନବ ବର୍ଷରେ ମୟୂରଭଞ୍ଜ ସିଟିଜେନ ଫୋରମ୍‌ର ୧୫ତମ ବାର୍ଷିକ ଉତ୍ସବରେ ୭୬ତମ ମୟୂରଭଞ୍ଜ ମିଶ୍ରଣ ଦିବସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସମ୍ମିଳନୀ କକ୍ଷରେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱାଗତ ଭାଷଣରେ ଫୋରମ୍‌ର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ଅଭିଭାଷଣରେ ମୟୂରଭଞ୍ଜ ମାଟି ୧୮ଗୋଟି ସ୍ଥାନରେ ପ୍ରଥମ ସ୍ଥାନ ଅଧିକାର କରି ବି କାହିଁକି ପଛୁଆ ପ୍ରଶ୍ନ ରଖିଥିଲେ। ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ, ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଜିଲ୍ଲା ମିଶ୍ରଣ ପୂର୍ବ ଓ ପର ସ୍ଥିତି ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଗବେଷକ ଡ : ଅମ୍ବିକା ପ୍ରସନ୍ନ ଦାସ, ଭୁବନେଶ୍ୱର ମୟୂରଭଞ୍ଜ ମିଶ୍ରଣ ଚୁକ୍ତିନାମା ସମ୍ପର୍କରେ ବହୁ ଅପ୍ରକାଶ୍ୟ ତଥ୍ୟ ଉପସ୍ଥାପନ କରିଥିଲେ। ଉତ୍ସବରେ ରାଜକୁମାରୀ ଅକ୍ଷିତା ମଞ୍ଜରୀ ଭଞ୍ଜଦେଓ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫୋରମର ଉପସଭାପତି ଅବସରପ୍ରାପ୍ତ ବିଚାରପତି ନରେନ୍ଦ୍ର କୁମାର ପ୍ରଧାନ, ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଭାନୁମିତ୍ର ଆଚାର୍ଯ୍ୟ, କୁଡୁମୀ ସେନାର ଜୟମୁନି ମହାନ୍ତ, ଅଧ୍ୟାପକ କୁମାରେଶ ନାୟକ, ରାଜକିଶୋର ଆଚାର୍ଯ୍ୟ ପ୍ରମୁଖ ଆଲୋଚନାରେ ମତ ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଭିଜନ ଓଡ଼ିଶା ମତେ ଆହ୍ୱାନ କରିଥିବା ବେଳେ ଫୋରମ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ବକ୍ତବ୍ୟ ରଖିଥିଲେ। ସେଗୁଡିକ ମଧ୍ୟରେ ମୟୂରଭଞ୍ଜ ମିଶ୍ରଣ ଚୁକ୍ତିନାମା କାର୍ଯ୍ୟକାରୀ, ଶିମିଳିପାଳର ସୁରକ୍ଷା ପାଇଁ କେନ୍ଦ୍ର ସରକାଙ୍କର ଆର୍ମ ଆକ୍ଟ ଲାଗୁ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ସମାପ୍ତି, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲା ମଧ୍ୟରେ ବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା, ବାରିପଦାରେ ବୁଢାବଳଙ୍ଗ ଆଡିବନ୍ଧ ଯୋଜନାର ଶୁଭାରମ୍ଭ, ରାସଗୋବିନ୍ଦପୁର ଏୟାରପୋର୍ଟ ନିର୍ମାଣ ପାଇଁ ସରକାର ଜୋର ଦେବାକୁ ଆଲୋଚନା ହୋଇଥିଲା ଏବଂ ନିକଟରେ ଏ ମାଟିର ସୁକନ୍ୟା ମହାମହିମ ରାଷ୍ଟ୍ରପତି ବୁଢ଼ାମରା ଚକୁଳିଆ ରେଳ ସଂଯୋଗୀକରଣ ଶିଳାନ୍ୟାସ କରିଥିବାରୁ ଫୋରମ୍ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲା। ଚଳିତ ବର୍ଷ ଠାରୁ ଫୋରମ ତରଫରୁ ଇଂ. ନୟାଧର ପଡ଼ିଆଳଙ୍କୁ ତାଙ୍କ ଗବେଷଣା ଓ ଶିମିଳିପାଳ କାଇଚଟଣିକୁ ଜିଆଇ ଟ୍ୟାଗ୍ ମାନ୍ୟତା ଦେବାରେ ଅବଦାନ ପାଇଁ ମୟୂରଭଞ୍ଜ ସିଟିଜେନ ଆୱାର୍ଡ-୨୦୨୪ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା ମୟୂରଭଞ୍ଜ ଇତିହାସର ନିର୍ଯ୍ୟାସ ଉପରେ ଫୋରମର ପ୍ରତିଷ୍ଠାତାଙ୍କ ସଂକଳନ 'ମୟୂରଭଞ୍ଜ ଗେଜେଟ୍' ଫୋରମ୍ ଦ୍ୱାରା ପ୍ରକାଶ କରାଯାଇ ଉନ୍ମୋଚନ କରାଯାଇଥିଲା। ସମ୍ପାଦକ ବିଭୁଦତ୍ତ ଦାସ ବାର୍ଷିକ ବିବରଣୀ ପାଠ ଏବଂ ଦେବାଶିଷ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




## ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ, ଜିଲ୍ଲା : ଖୋର୍ଦ୍ଧା

C-1383

ସ୍ଥାନ/ପୋ-ବାଲୁଗାଁ, ଜିଲ୍ଲା-ଖୋର୍ଦ୍ଧା
ଇ-ମେଲ୍-eonac.balugaon2013@gmail.com

ବିଜ୍ଞାପନ ସଂଖ୍ୟା. ୦୩ / ତାରିଖ. ୦୧.୦୧.୨୦୨୫

**ବିଜ୍ଞାପନ**

ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ ୨୦୨୪-୨୫ (ତା.୧୫.୦୧.୨୦୨୫ ରିଖ ଠାରୁ ତା.୧୪.୦୧.୨୦୨୬ ରିଖ) ପର୍ଯ୍ୟନ୍ତ ଏକ ବର୍ଷ ନିମନ୍ତେ ନିମ୍ନଲିଖିତ ନିଲାମ ଟେଣ୍ଡର ଗୁଡ଼ିକ ବ୍ୟକ୍ତିବିଶେଷ/ ସଂସ୍ଥା/ ଅନୁଷ୍ଠାନଙ୍କ ଠାରୁ ଆହ୍ୱାନ କରୁଅଛନ୍ତି। ନିଲାମ/ ଟେଣ୍ଡରର ସମସ୍ତ ବିବରଣୀ / ତଥ୍ୟ NIC, Khordha ଙ୍କ ୱେବ୍ ସାଇଟ୍ WWW.khordha.nic.in ରେ ଉପଲବ୍ଧ ଅଟେ। ଇଚ୍ଛୁକ ବ୍ୟକ୍ତି / ସଂସ୍ଥା ଓ ଅନୁଷ୍ଠାନ Commercial Bid Cover No.A ଏବଂ Price Bid Cover No.B ଏହିପରି ୨ ଗୋଟି Envelope କୁ ଅନ୍ୟ ଗୋଟିଏ ବଡ଼ Envelope ରେ Cover No.C ରେ ଶିଲମୋହର କରି ପୌର ପରିଷଦ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ଟେଣ୍ଡର ବାକ୍ସରେ ପକାଇବେ / ସ୍ପିଡ଼ ପୋଷ୍ଟ/ ରେଜିଷ୍ଟ୍ରି ପୋଷ୍ଟ ଦ୍ୱାରା ତା.୦୪.୦୧.୨୦୨୫ ରିଖଠାରୁ ତା.୧୩.୦୧.୨୦୨୫ ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ପକାଇବେ। ନିଲାମ ଫର୍ମ (Cost of Tender Paper) ର ମୂଲ୍ୟ Cover No.A ରେ ବ୍ୟାଙ୍କ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ ଙ୍କ ନାମରେ ପ୍ରାପ୍ତି ହେବା ନିମନ୍ତେ ପ୍ରସ୍ତୁତ କରି ନିର୍ଦ୍ଧାରିତ ସମୟ ସୀମା ଭିତରେ Cover No.A ରେ ରଖିବା ବାଧ୍ୟ ଅଟେ। ଯେଉଁ ବ୍ୟକ୍ତି/ ସଂସ୍ଥା ଓ ଅନୁଷ୍ଠାନର Commercial Bid, Cover No.A ଯୋଗ୍ୟ ବିବେଚିତ ହେବ, କେବଳ ସେହି ବ୍ୟକ୍ତି/ ସଂସ୍ଥା ଓ ଅନୁଷ୍ଠାନର Price Bid, Cover No.B ଖୋଲାଯିବ।

| କ୍ର.ସଂ. | ନିଲାମ/ ଟେଣ୍ଡର ନାମ | ସର୍ବନିମ୍ନ ଡାକ / ନିଲାମ ମୂଲ୍ୟ | ନିଲାମ ପାଇଁ ଫର୍ମ ମୂଲ୍ୟ (Non-refundable) |
|---|---|---|---|
| ୧ | ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ପାର୍କିଂ କରୁଥିବା ଯେ କୌଣସି ଯାନବାହନ ପାର୍କିଂ ଫି ଓ ବଜାର ଭଡା ଦୋକାନ ଫି ଆଦାୟ ନିମନ୍ତେ | ଟ.୪,୯୯,୨୦୦/- | ଟ.୨,୦୦୦.୦୦ |
| ୨ | ଚିଲିକା କୂଳରେ ଡଙ୍ଗା ଘାଟରେ ପାର୍କିଂ କରୁଥିବା ଯେ କୌଣସି ଡଙ୍ଗା ଫି ଆଦାୟ ନିମନ୍ତେ | ଟ.୨,୩୭,୨୦୦/- | ଟ.୨,୦୦୦/- |
| ୩ | ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଥିବା ଚିଲିକା କୂଳ ଠାରେ ପାର୍କିଂ କରୁଥିବା ଯେ କୌଣସି ଟୁରିଷ୍ଟ ଯାନ ପାର୍କିଂ ଫି ଓ ମାଛ ମାର୍କେଟ ଫି ଆଦାୟ ନିମନ୍ତେ | ଟ.୨୦,୦୨,୫୫୦/- | ଟ.୬,୦୦୦/- |
| ୪ | ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଥିବା ବସ ଷ୍ଟାଣ୍ଡ ଠାରେ ପାର୍କିଂ କରୁଥିବା ଯେ କୌଣସି ବସ ପାର୍କିଂ ଫି ଆଦାୟ ନିମନ୍ତେ | ଟ.୭,୨୧,୨୦୦/- | ଟ.୪,୦୦୦/- |
| ୫ | ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଲାଗୁଥିବା ସମସ୍ତ ବିଜ୍ଞାପନ ହୋର୍ଡିଂ ଠାରୁ ଫି ଆଦାୟ ନିମନ୍ତେ | ଟ.୧,୭୧,୮୫୦/- | ଟ.୬୦୦/- |

- ନିଲାମ/ ଟେଣ୍ଡରଧାରୀ ମାନଙ୍କ ପାଇଁ ନିଲାମ/ ଟେଣ୍ଡର ବାବଦରେ ସବିଶେଷ ତଥ୍ୟ ଜାଣିବା ନିମନ୍ତେ ତା.୦୬.୦୧.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ସମୟରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ (Briefing Session) ବୈଠକ ଅନୁଷ୍ଠିତ ହେବ।
- ନିଲାମ/ ଟେଣ୍ଡର ଫର୍ମ ବିକ୍ରୀର ଅନ୍ତିମ ତାରିଖ ତା.୧୩.୦୧.୨୦୨୫ ରିଖ ସମୟ ପୂର୍ବାହ୍ନ ୧୧.୦୦ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ଅଟେ।
- ନିଲାମ/ ଟେଣ୍ଡର ଫର୍ମ ପକାଇବାର ଅନ୍ତିମ ତାରିଖ ତା.୧୩.୦୧.୨୦୨୫ ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ।
- ନିଲାମ/ ଟେଣ୍ଡର Commercial Bid, Cover No.A ଖୋଲିବାର ତାରିଖ ତା.୧୫.୦୧.୨୦୨୫ ସମୟ ଅପରାହ୍ନ ଘ.୨.୩୦ ମିନିଟ୍ ଅଟେ।
- ନିଲାମ/ ଟେଣ୍ଡର Price Bid, Cover No.B ଖୋଲିବାର ତାରିଖ ତା.୧୫.୦୧.୨୦୨୫ ସମୟ ଅପରାହ୍ନ ୩.୦୦ ଘଟିକା ଅଟେ।

ସ୍ୱା/- କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ

OIPR-13148/11/0004/2425



## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION, DHARMAGARH

Email:-rw_dharmagarh@yahoo.com

O-1126

Notice No. 3402 //Date: 30.12.2024

**The1st corrigendum to Bid Identification No. DMGH / Online-09 of 2024-25**

1. The work under Sl. No.16 is hereby cancelled due to some unavoidable circumstances.
2. Finalization of all tender through Transparent Lottery or any other on dt.18.01.2025.
3. The Details of corrigendum as tabulated below only for the work from Sl. No.11 to Sl. No.23.

**As per tender notice**

| Procurement Officer | Bid Identification No | Availability of Tender online for bidding | | Last date & time of seeking tender clarification | Date & time of Opening of tender | Finalization of tender through Transparent Lottery or any other |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| S.E,R.W. Division,Dharmagarh | DMGH/Online - 09 / 2024-25 | 02.01.2025 At 10.00 AM | 13.01.2025 Up to 5.00 PM | 08.01.2025 Up to 5.00 PM | 15.01.2025 11.00 AM | 22.01.2025 At 11.00AM |

**As per corrigendum**

| Procurement Officer | Bid Identification No | Availability of Tender online for bidding | | Last date & time of seeking tender clarification | Date & time of Opening of tender | Finalization of tender through Transparent Lottery or any other |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| S.E,R.W. Division,Dharmagarh | DMGH/Online - 09 / 2024-25 | 04.01.2025 At 10.00 AM | 13.01.2025 Up to 5.00 PM | 08.01.2025 Up to 5.00 PM | 15.01.2025 11.00 AM | 18.01.2025 At 11.00AM |

All other terms and conditions are remain unchanged.

Yours faithfully
Sd/- Executive Engineer
Rural Works Division, Dharmagarh

OIPR-25100/11/0017/2425

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୩ ଜାନୁଆରୀ ୨୦୨୫ ଶୁକ୍ରବାର





# ବାଣୀବିହାର ଉଠାଦୋକାନ ଉଚ୍ଛେଦ ବେଳେ ଉତ୍ତେଜନା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ରାଜଧାନୀ ଭୁବନେଶ୍ୱରର ଗରିବ ଲୋକଙ୍କୁ ଏକ ପ୍ରକାର ବଳି ପକାଇବାକୁ ଲାଗିଛନ୍ତି ରାଜ୍ୟ ସରକାର। ଗୁରୁବାର ସକାଳ ୭ ଘଟିକା ସମୟରେ ପୋଲିସ୍ ଓ ବିଏମ୍‌ସିର ୨ଶହ କର୍ମଚାରୀ ୫ଟି ଡ୍ରୋଜର ଧରି ବାଣୀବିହାରରେ ଥିବା ୫୦ଟି ଦୋକାନ ଉଚ୍ଛେଦ କରିବା ପାଇଁ ପହଞ୍ଚି ଯାଇଥିଲେ। ହଠାତ୍ ରାକ୍ଷସଙ୍କ ଭଳି ବୁଲ୍‌ଡୋଜର ଗୋଟିଏ ପରେ ଗୋଟିଏ ଦୋକନ ଉଚ୍ଛେଦ କରି ଚାଲିଥିଲା। ଦୋକାନୀ ମାଲିକମାନେ ଘରୁ ଆସି ଦୋକାନ ପାଖରେ ପହଂଚିଲା ବେଳକୁ ଦୋକାନସବୁ ମାଟିରେ ମିଶିଯାଇଛି ଓ ଦୋକାନର ଆସବାବ ପତ୍ର କାଢି ନପାରି ଅତ୍ୟନ୍ତ ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିଲେ। ଉଚ୍ଛେଦ ସମୟରେ ଅଶୋକ ପାଇକରାୟଙ୍କ ଓମ୍‌ଫେଡ୍‌ରେ ଥିବା ପାଖାପାଖି ୧୦ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ବେଳେ ଅନ୍ୟ ଦୋକାନୀମାନଙ୍କ ପାଖାପାଖି ୫୦ ଲକ୍ଷ ଟଙ୍କାରୁ ଅଧିକ ସାମଗ୍ରୀ ନଷ୍ଟ ହୋଇଛି ବୋଲି ଦୋକାନୀମାନେ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି।

ପ୍ରକାଶଥାଉକି, ଭୁବନେଶ୍ୱରରେ ହକି ଖେଳ ସମୟରେ ଉଠାଦୋକାନ ଉଚ୍ଛେଦ କରି ବିଜେଡ଼ି ସରକାରର ପତନ ଘଟିଥିବା ବେଳେ ବର୍ତ୍ତମାନର ବିଜେପି ସରକାର ସେହି ଉଠାଦୋକାନୀମାନଙ୍କୁ ମନଇଚ୍ଛା ଉଚ୍ଛେଦ କରି ଚାଲିଥିବାରୁ ବିଜେପି ସରକାରର ମଧ୍ୟ କେଉଁ ସମୟରେ ପତନ ଘଟିବ ତାହା କେହି କହିପାରିବ ନାହିଁ। ବିଜେପିର ଏହି ଉଚ୍ଛେଦ ନୀତିକୁ ଉଠାଦୋକାନୀମାନେ ତୁଣ୍ଡ ବାଇଦ ସହସ୍ରକୋଷ ଭଳି ପ୍ରଚାର କରି ବିଜେପି ସରକାରର ପତନ ଘଟାଇବା ପାଇଁ ଉଦ୍ୟମ କରିପାରନ୍ତି। ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ କହିଛନ୍ତି ଯେ, ଉଠାଦେକାନ ଆଇନରେ ଅଛି ପ୍ରତ୍ୟେକ ଫୁଟପାଥର ଏକ ତୃତୀୟାଂଶ ହେଉଛି ଉଠାଦୋକାନୀମାନଙ୍କର। କିନ୍ତୁ ଯେଉଁମାନେ ଫୁଟପାଥରେ ଏକ ତୃତୀୟାଂଶରେ ବସି ବ୍ୟବସାୟ କରୁଛନ୍ତି, ସେମାନଙ୍କୁ ବିଏମ୍‌ସି ଉଚ୍ଛେଦ କରିବା ନିୟମ ବିରୋଧୀ। ଦରକାର ପଡ଼ିଲେ ବିଏମ୍‌ସିକୁ କାଠଗଡ଼ାକୁ ଟଣାଯିବ ବୋଲି ଶ୍ରୀ ସାହୁ କହିଛନ୍ତି। ଆଗାମୀ ୭ ତାରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନ ଘେରାଉ କରାଯିବ ବୋଲି ଶ୍ରୀଯୁକ୍ତ ସାହୁ ଚେତାବନୀ ଦେଇଛନ୍ତି।

# ଆଜିଠୁ ପୁଣି ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ

**ପୁରୀ ୨।୧ ନ୍ୟୁଜ ବ୍ୟୁରୋ**

ନବବର୍ଷରେ ମହାପ୍ରଭୁଙ୍କର ଆଶୀର୍ବାଦ ଲାଭ ପାଇଁ ଶ୍ରୀମନ୍ଦିରକୁ ଭକ୍ତଙ୍କର ଆଗମନ ଜାରି ରହିଛି। ଗୁରୁବାର ନବବର୍ଷର ଦ୍ୱିତୀୟ ଦିବସରେ ମହାପ୍ରଭୁଙ୍କର ଦର୍ଶନ ପାଇଁ ମଧ୍ୟ ପ୍ରବଳ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ତେବେ ଗୁରୁବାର ଠାରୁ ଶ୍ରୀମନ୍ଦିର ଚାରି ଦ୍ୱାରରେ ପ୍ରବେଶ କରି ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ଭିତରେ ଏବଂ ବାହାରେ ପୁରୀ ପୋଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ରହି ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କିଭଳି ହୋଇପାରିବ ତା'ଉପରେ ନଜର ରଖିଥିଲେ।



ବୁଧବାର ନବବର୍ଷର ପ୍ରଥମ ଦିନରେ ପାଞ୍ଚ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ନବବର୍ଷରେ ମହାପ୍ରଭୁଙ୍କ ଦର୍ଶନ ପାଇ ବେଶ୍ ଖୁସି ଅଛନ୍ତି ଭକ୍ତ। ସେପଟେ ଶୁକ୍ରବାର ଠାରୁ ପୁନର୍ବାର ଶ୍ରୀମନ୍ଦିର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଏଏସଆଇ ପକ୍ଷରୁ କରାଯିବ। ଏକ୍ସମାସ ଛୁଟି ଏବଂ ନବବର୍ଷ ପାଇଁ ଶ୍ରୀମନ୍ଦିରରେ ପ୍ରବଳ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖାଯାଇ ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ତେବେ ଶୁକ୍ରବାର ଠାରୁ ପୁନର୍ବାର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ ହେବ। ଏନେଇ ସମସ୍ତ ପ୍ରସ୍ତୁତି ହୋଇଥିବା ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି। ସେପଟେ ଏମାର ମଠରୁ ଉଦ୍ଧାର ହୋଇଥିବା ରୂପା ଇଟାକୁ ରତ୍ନଭଣ୍ଡାରରେ ରଖିବା ପାଇଁ ଜଗନ୍ନାଥ ପ୍ରେମୀ ଦାବି କରିଥିବା ବେଳେ ଏନେଇ କୋର୍ଟରେ ମାମଲା ଚାଲିଥିବାରୁ ଶ୍ରୀମନ୍ଦିର ପରିଚାଳନା କମିଟି ସହିତ ଏ ସମ୍ପର୍କିତ ଆଲୋଚନା କରାଯାଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ସେହିପରି ରତ୍ନଭଣ୍ଡାର ଭିତର କବାଟକୁ ସୁନା ଛାଉଣୀ କରିବା ପାଇଁ ଦାବି ଉଠିଥିବା ବେଳେ ଏସମ୍ପର୍କରେ ଏଏସଆଇ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ସହ ଆଲୋଚନା କରାଯାଇ ଯାହା କିଛି ନିଷ୍ପତ୍ତି ଆସିବ ସେହି ଅନୁସାରେ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

# ସାଧାରଣତନ୍ତ୍ର ଦିବସ ପାଳନ ସମ୍ପର୍କରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଚଳିତ ବର୍ଷ ୭୬ତମ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନରେ ଓଡ଼ିଶାର ମହାମହିମ ରାଜ୍ୟପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ଏ ସଂକ୍ରାନ୍ତରେ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ସାଧାରଣତନ୍ତ୍ର ଦିବସ ହେଉଛି ସମସ୍ତଙ୍କ ପାଇଁ ଗର୍ବ, ଗୌରବ ଓ ଭାବାବେଗର ପ୍ରତୀକ। ଏହି ଅବସରରେ ଓଡ଼ିଶାର ମହାମହିମ ରାଜ୍ୟପାଳ ମହାତ୍ମା ଗାନ୍ଧୀ ମାର୍ଗରେ ହେବାକୁ ଥିବା ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବାହ୍ନ ୮.୩୦ରେ ଜାତୀୟ ପତାକା ଉତ୍ତୋଳନ କରିବେ ଓ ଅଭିବାଦନ ଗ୍ରହଣ କରିବେ। ତେଣୁ ଉକ୍ତ ସମାରୋହର ପ୍ରସ୍ତୁତିର ବିଭିନ୍ନ ଦିଗକୁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ବିସ୍ତୃତ ଭାବରେ ସମୀକ୍ଷା କରିଥିଲେ। ସାଧାରଣତନ୍ତ୍ର ଦିବସ ସମାରୋହରେ ଓଡ଼ିଆ ଅସ୍ମିତା ଏବଂ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନକୁ ମୁଖ୍ୟ ଆଧାର ରୂପେ ଗ୍ରହଣ କରି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ପ୍ରଦର୍ଶିତ ହେବାକୁ ଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ ଗୁଡ଼ିକ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା।

ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ, ପାର୍କ, ବସ୍‌ଷ୍ଟାଣ୍ଡ ଆଦିରେ ଡାକବାଜି ଯନ୍ତ୍ର ଯୋଗେ ପ୍ରଭାତରେ ରାମଧୁନ୍ ପରିବେଷଣ ଦ୍ୱାରା ଦେଶପ୍ରେମ ଉଦ୍ରେକକାରୀ ପରିବେଶ ସୃଷ୍ଟି କରିବା ପାଇଁ ସମ୍ଭାବିତ ପଦକ୍ଷେପଗୁଡ଼ିକ ବିଷୟରେ ଆଲୋଚନା କରାଯାଇଥିଲା। ଏହା ସହ ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ପତାକା ଉତ୍ତୋଳନ ସ୍ଥାନଠାରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ, ସ୍ୱାଧୀନତା ଦିବସ ଉତ୍ସବର ଟିଭି ଓ ସାମାଜିକ ଗଣମାଧ୍ୟମ ଯୋଗେ ସିଧା ପ୍ରସାରଣ, ଗଣମାଧ୍ୟମକୁ ସୂଚନା ପ୍ରଦାନ, ଉତ୍ସବ ସ୍ଥଳର ସାଜସଜ୍ଜା, ନିମନ୍ତ୍ରିତ ଅତିଥିଙ୍କ ଉପବେସନ ବ୍ୟବସ୍ଥା ଆଦି ବିଷୟରେ ଆଲୋଚନା ହୋଇଥିଲା।

ସ୍ୱାଧୀନତା ଦିବସ ଉପଲକ୍ଷେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାରେ ଆଲୋକ ସଜ୍ଜାର ବ୍ୟବସ୍ଥା କରାଯିବ। ସେହିପରି ସୁରକ୍ଷା ବ୍ୟବସ୍ଥା ତଥା ଟ୍ରାଫିକ୍ ନିୟନ୍ତ୍ରଣକୁ କମିଶନରେଟ୍ ପୋଲିସ ପକ୍ଷରୁ ପରିଚାଳନା କରାଯିବ।

ଏହି ବୈଠକରେ ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର କୁମାର ପରିଡ଼ା, ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ନିବେଶକଙ୍କୁ ନ୍ୟୁ ଇୟର ଗିଫ୍ଟ :୧୪୦୦ ଅଙ୍କ ବଢିଲା ସେନ୍‌ସେକ୍ସ, ୬ ଲକ୍ଷ କୋଟି ଟଙ୍କା ଲାଭ


**ନୂଆଦିଲ୍ଲୀ, ୨/୧**

ସେୟାର ବଜାରରେ ନୂଆ ବର୍ଷ ସେଲିବ୍ରେସନ ଲଗାତାର ଦ୍ୱିତୀୟ ଦିନରେ ଦେଖିବାକୁ ମିଳିଥିଲା। ସେନସେକ୍ସରେ ଗୁରୁବାର ୧,୪୩୬ ଅଙ୍କର ବଡ଼ ବୃଦ୍ଧି ଦେଖିବାକୁ ମିଳିଛି। ଅନ୍ୟପଟେ ନିଫ୍ଟି ୧.୫ ପ୍ରତିଶତ ବଢି ୨୪,୧୫୦ ସ୍ତର ପାର୍ କରିଛି। ସେୟାର ବଜାରରେ ଏହି ବୃଦ୍ଧି ଯୋଗୁଁ ନିବେଶକଙ୍କୁ ପ୍ରାୟ ୬ ଲକ୍ଷ କୋଟି ଟଙ୍କାର ଲାଭ ହୋଇଛି। ବଜାରରେ ଏହି ବୃଦ୍ଧି ସବୁ ସେକ୍ଟରରେ ଦେଖିବାକୁ ମିଳିଥିଲା। ବିଏସ୍‌ଇର ମିଡ୍‌କ୍ୟାପ୍ ଏବଂ ସ୍ମଲ୍‌କ୍ୟାପ୍ ସୂଚକାଙ୍କ ଯଥାକ୍ରମେ ୦.୮୯ ପ୍ରତିଶତ ଏବଂ ୦.୬୮ ପ୍ରତିଶତ ବୃଦ୍ଧି ପାଇଛି। ବିଏସ୍‌ଇର ସମସ୍ତ ସେକ୍ଟୋରାଲ ଇଣ୍ଡେକ୍ସ ବି ସବୁଜ ସଂକେତରେ ବନ୍ଦ ହୋଇଛି। ସବୁଠୁ ଅଧିକ ବୃଦ୍ଧି ଆଇଟି, କଞ୍ଜୁମର ଡ୍ୟୁରେବଲ୍ସ ଏବଂ ବ୍ୟାଙ୍କିଂ ସେୟାରରେ ଦେଖିବାକୁ ମିଳିଛି। କାରବାର ଶେଷରେ ବିଏସ୍‌ଇର ୩୦ ସେୟାର ବିଶିଷ୍ଟ ସୂଚକାଙ୍କ ସେନସେକ୍ସ ୧୪୩୬.୩୦ ଅଙ୍କ ବା ୧.୮୩ ପ୍ରତିଶତ ବଢି ୭୯,୯୪୩.୭୧ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ଏନ୍‌ଏସ୍‌ଇର ୫୦ ସେୟାର ବିଶିଷ୍ଟ ସୂଚକାଙ୍କ ନିଫ୍ଟି ୪୪୫.୭୫ ଅଙ୍କ ବା ୧.୮୮ ପ୍ରତିଶତ ବଢି ୨୪,୧୮୮.୬୫ ସ୍ତରରେ ବନ୍ଦ ହୋଇଛି। ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମାର୍କେଟ୍ କ୍ୟାପ୍ ବଢି ୪୫୦.୪୩ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଦିନ ଅର୍ଥାତ୍ ବୁଧବାର ଜାନୁଆରୀ ୧ରେ ଏହା ୪୪୪.୪୩ ଲକ୍ଷ କୋଟି ଟଙ୍କା ଥିଲା। ଏହିପରି ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମାର୍କେଟ୍ କ୍ୟାପ୍ ଗୁରୁବାର ପ୍ରାୟ ୬ ଲକ୍ଷ କୋଟି ଟଙ୍କା ବଢିଛି। ତେବେ କହିବାକୁ ଗଲେ ନିବେଶକଙ୍କ ସମ୍ପତ୍ତିରେ ପ୍ରାୟ ୬ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି।

# ବରଗଡ଼ ରୋଡ୍ ଏବଂ ନୂଆପଡ଼ା ରୋଡ୍ ନୂତନ ରେଳ ଲାଇନ - ଏକ ସ୍ୱତନ୍ତ୍ର ରେଳ ପ୍ରକଳ୍ପ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତୀୟ ରେଳବାଇ ଓଡିଶାରେ ଏହାର ପ୍ରମୁଖ ଭିତ୍ତିଭୂମି ସମ୍ପ୍ରସାରଣ ଜାରି ରଖି ଏବେ ବରଗଡ ରୋଡରୁ ନୂଆପଡା ରୋଡକୁ ସଂଯୋଗ କରୁଥିବା ୧୩୮.୩୨ କିମି ଦୈର୍ଘ୍ୟ ନୂତନ ରେଳ ଲାଇନ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପ୍ରଖର ଉଦ୍ୟମ ଜାରିରଖିଛି। ଏହି ରଣନୀତିକ ପ୍ରକଳ୍ପ ରେଳ ସଂଯୋଗୀକରଣରେ ଉନ୍ନତି ଆଣିବା, ଆଞ୍ଚଳିକ ବିକାଶକୁ ବୃଦ୍ଧି କରିବା, ରୋଜଗାର ସୃଷ୍ଟି କରିବା ଏବଂ ଏହି ଅଞ୍ଚଳରେ ଉଭୟ ଯାତ୍ରୀ ଏବଂ ପଣ୍ୟ ପରିବହନ ପାଇଁ ମହତ୍ୱପୂର୍ଣ୍ଣ ସୁବିଧା ପ୍ରଦାନ କରିବାକୁ ସ୍ଥିର ହୋଇଛି। ପ୍ରକଳ୍ପ ଅନୁମୋଦିତ ଏବଂ ଆର୍ଥିକ ସମୀକ୍ଷା: ରେଳବାଇ ବୋର୍ଡ ଏହି ପ୍ରକଳ୍ପକୁ ୧୦ ସେପ୍ଟେମ୍ବର ୨୦୨୪ ରେ ମୋଟ ୨୬୨୧.୯୨ କୋଟି ମଞ୍ଜୁର କରିଥିଲା। ଏହି ପ୍ରକଳ୍ପର ଆର୍ଥିକ ବ୍ରେକଅପ୍ ହେଉଛି ପ ସିଭିଲ୍ ଇଞ୍ଜିନିୟରିଂ: ୨୧୦୭.୩୦ କୋଟି, ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ: ୩୦୫.୫୫ କୋଟି ଏବଂ ସିଗନାଲ ଏବଂ ଟେଲିକମ୍ ଇଞ୍ଜିନିୟରିଂ: ୨୦୯.୦୭ କୋଟି। ବିନାମୂଲ୍ୟରେ ଜମି ଯୋଗାଇଦେବା ସହ ୩୦୦ କୋଟି ଟଙ୍କା ଅନୁଦାନ ପ୍ରଦାନ କରିବା ପାଇଁ ଓଡିଶା ରାଜ୍ୟ ସରକାର ଏହାର ସମ୍ପୂର୍ଣ୍ଣ ସହାୟତା ପ୍ରଦାନ କରିଛନ୍ତି। ଜମି ଅଧିଗ୍ରହଣ ବିବରଣୀ। ଏହି ପ୍ରକଳ୍ପରେ ୯୨୪.୬୪ ହେକ୍ଟର ଜମି ଅଧିଗ୍ରହଣ ଆବଶ୍ୟକ, ଯାହାର ପରିମାଣ ପ୍ରାୟ ?୩୬୪ କୋଟି।




ଅଧିଗ୍ରହଣ ହେବାକୁ ଥିବା ଜମିରେ ୭୫୨.୫୨୪ ହେକ୍ଟର ବେସରକାରୀ ଜମି, ୧୨୩.୨୩୩ ହେକ୍ଟର ସରକାରୀ ଜମି ଏବଂ ୪୮.୯୧୩ ହେକ୍ଟର ଜଙ୍ଗଲ ଜମି ଅନ୍ତର୍ଭୁକ୍ତ। ଉଭୟ ବରଗଡ ଏବଂ ନୂଆପଡା ଜିଲ୍ଲାର ଜମି ଅଧିଗ୍ରହଣ ପାଇଁ ଦକ୍ଷ ଅଧିକାରୀମାନେ ଯଥାକ୍ରମେ ଅକ୍ଟୋବର ୧୫, ୨୦୨୪ ଏବଂ ନଭେମ୍ବର ୨୯, ୨୦୨୪ ରେ ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତି ମାଧ୍ୟମରେ ନିଯୁକ୍ତ ହେବା ସହିତ ଅଧିଗ୍ରହଣ ପ୍ରକ୍ରିୟା ସୁରୁଖୁରୁରେ ଅଗ୍ରଗତି କରୁଛନ୍ତି। ପ୍ରକଳ୍ପର ପ୍ରମୁଖ ବୈଶିଷ୍ଟ୍ୟ ଗୁଡିକ। ନୂତନ ରେଳ ଲାଇନ ବରଗଡ ରୋଡରୁ ନୂଆପଡା ରୋଡ ପର୍ଯ୍ୟନ୍ତ ବିଦ୍ୟୁତକରଣ ସହ ବ୍ରଡ ଗେଜ (ବିଜି) ମେନ ଲାଇନ ହେବ ଯାହାକି ପଦ୍ମପୁର ଦେଇ ଏକ ବିକଳ୍ପ କ୍ଷୁଦ୍ର ମାର୍ଗ ଯୋଗାଇବ ଏବଂ ଝାରସୁଗୁଡା-ବିଳାସପୁର-ରାୟପୁର ବ୍ୟସ୍ତବହୁଳ ମାର୍ଗର ବିକଳ୍ପ ଭାବେ ଦଣ୍ଡାୟମାନ ହେବ। ଏହି ନୂତନ ରେଳ ମାର୍ଗ ସମ୍ବଲପୁର-ଝାରସୁଗୁଡା-ରାୟପୁର ମାର୍ଗ ତୁଳନାରେ ୫୩ କିଲୋମିଟର ଏବଂ ସମ୍ବଲପୁର-ଟିଟିଲାଗଡ-ରାୟପୁର ମାର୍ଗ ତୁଳନାରେ ୮୭ କିଲୋମିଟର ଦୂର ହ୍ରାସ କରିବ, ଯାହା ପଣ୍ୟ ଏବଂ ଯାତ୍ରୀଙ୍କ ଶୀଘ୍ର ଓ ସୁଗମ ଗମନାଗମନକୁ ସହାୟତା କରିବ। ଏହି ପ୍ରକଳ୍ପରେ ୧୩ ଟି ଷ୍ଟେସନ୍ ରହିବ, ଯେଉଁଥିରେ ୨ ଟି ବିଦ୍ୟମାନ ଷ୍ଟେସନ୍ ଏବଂ ୧୧ ଟି ନୂତନ ଷ୍ଟେସନ୍ ଅଛି, ଯାହା ସମଗ୍ର ଅଞ୍ଚଳରେ ଉପଲବ୍ଧତାକୁ ସୁଦୃଢ଼ କରିବ। ପ୍ରସ୍ତାବିତ ଆଲାଇନମେଣ୍ଟ ଏବଂ ଷ୍ଟେସନ ଅବସ୍ଥାନଗୁଡ଼ିକ ହେଉଛି: ୧। ବରଗଡ ରୋଡ୍ (ବିଦ୍ୟମାନ) - ବରଗଡ। ୨। ସରସରା (ନୂତନ) - ବରଗଡ ଠାରୁ ୬.୪୯୫ କିଲୋମିଟର। ୩। ଡୁମରପାଲି (ନୂତନ) - ବରଗଡ ଠାରୁ ୧୭.୪୪ କିଲୋମିଟର। ୪। ବିଜେପୁର (ନୂତନ) - ବରଗଡ ଠାରୁ ୨୬.୯୭ କିଲୋମିଟର। ୫। ବଡ଼ିପାଲି (ନୂତନ) - ବରଗଡ ଠାରୁ ୪୦.୧୮୫ କିଲୋମିଟର। ୬। ଧଉରାମୁଣ୍ଡା (ନୂତନ) - ବରଗଡ ଠାରୁ ୫୮.୯୨୫ କିଲୋମିଟର। ୭. ପଦମପୁର (ନୂତନ) - ବରଗଡ ଠାରୁ ୭୨.୪୪୫ କିଲୋମିଟର। ୮। ଭଗବତପୁର (ନୂତନ) - ବରଗଡ ଠାରୁ ୮୭.୩୬୫ କିଲୋମିଟର। ୯। ମାଝିପଲି (ନୂତନ) - ବରଗଡ ଠାରୁ ୯୪.୯୮ କିଲୋମିଟର। ୧୦. ପାଇକମାଳ ରୋଡ୍ (ନୂତନ) - ବରଗଡ ଠାରୁ ୧୦୬.୧୧ କିଲୋମିଟର। ୧୧। ବରତୁଣ୍ଡା (ନୂତନ) - ବରଗଡ ଠାରୁ ୧୧୭.୬୧ କିଲୋମିଟର। ୧୨। ଅଁଳାଜୁବା (ନୂତନ) - ବରଗଡ ଠାରୁ ୧୧୨.୨ କିଲୋମିଟର (ନୂଆପଡା ଜିଲ୍ଲା)। ୧୩। ନୂଆପଡା ରୋଡ୍ (ବିଦ୍ୟମାନ) - ବରଗଡ ଠାରୁ ୧୩୮.୩୨ କିଲୋମିଟର (ନୂଆପଡା ଜିଲ୍ଲା)। ଓଡିଶା ସରକାର ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସକ୍ରିୟ ସହଯୋଗରେ ବରଗଡ ରୋଡରୁ ନୂଆପଡା ରୋଡ ରେଳ ଲାଇନକୁ ଠିକ ସମୟରେ ସମାପ୍ତ କରିବା ଏହି ଅଞ୍ଚଳରେ ସଂଯୋଗକୁ ଯଥେଷ୍ଟ ବୃଦ୍ଧି କରିବାକୁ ପ୍ରସ୍ତୁତ ହୋଇଛି। ଏହି ପ୍ରକଳ୍ପ କେବଳ ଯାତ୍ରୀ ପରିବହନରେ ଉନ୍ନତି ଆଣିବ ନାହିଁ ବରଂ ସାମଗ୍ରୀର ଉନ୍ନତ ପରିବହନ ମାଧ୍ୟମରେ ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ କରିବ। ରେଳବାଇ ଜମି ଅଧିଗ୍ରହଣ ଏବଂ ନିର୍ମାଣ କାର୍ଯ୍ୟକଳାପର ଦ୍ରୁତ ଅଗ୍ରଗତି ସୁନିଶ୍ଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ଏହି ଭିତ୍ତିଭୂମି ମାଇଲଖୁଣ୍ଟକୁ ଓଡିଶାବାସୀଙ୍କ ସୁବିଧା ପାଇଁ ଉତ୍ସର୍ଗୀକୃତ କରାଯାଇଛି।

# ରାଜ୍ୟସ୍ତରୀୟ ଆଦିବାସୀ ମେଳା ପାଇଁ ପ୍ରସ୍ତୁତି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଆରମ୍ଭ ହେବାକୁ ଯାଉଛି ରାଜ୍ୟସ୍ତରୀୟ ଆଦିବାସୀ ମେଳା ୨୦୨୫। ଏନେଇ ରାଜଧାନୀରେ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ସହର ମଧ୍ୟରେ ଆଦିବାସୀ ଗ୍ରାମର ଭ୍ରମ ସୃଷ୍ଟି କରିବ ଚଳିତ ବର୍ଷର ଆଦିବାସୀ ମେଳା। ପ୍ରଥମକରି ଓଡ଼ିଶାରେ ଆୟୋଜିତ ହେଉଥିବା ପ୍ରବାସୀ ଭାରତୀୟ ଦିବସକୁ ଧ୍ୟାନରେ ରଖି ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଜାନୁଆରୀ ୫ ତାରିଖରୁ ଜାନୁଆରୀ ୧୬ ତାରିଖ ଯାଏଁ ୟୁନିଟ୍ ୩ ସ୍ଥିତ ପ୍ରଦର୍ଶନୀ ପଡିଆଠାରେ ଆଦିବାସୀ ମେଳାର ଆୟୋଜନ କରିବାକୁ ଯାଉଛି।

ଚଳିତ ବର୍ଷର ମୁଖ୍ୟ ଆକର୍ଷଣ ହେବ ଆଦିବାସୀ ଗ୍ରାମ, ଆଦିବାସୀ ହାଟ, କଳା ଓ ହସ୍ତଶିଳ୍ପ ଗ୍ରାମ, ଜନଜାତି ଖାଦ୍ୟ ଫୁଡ୍ କୋର୍ଟ, ଲାଇଭ୍ ଡେମନଷ୍ଟ୍ରେସନ୍, ଭଗବାନ ବିର୍ସା ମୁଣ୍ଡା ପାଭିଲିୟନ୍। ଚଳିତ ବର୍ଷ ୨୦ ଟି ଆଦିବାସୀ କୁଟିର ନିର୍ମାଣ କରାଯାଉଥିବା ବେଳେ ୧୪୭ ଟି ଷ୍ଟଲ୍ ରେ ଆଦିବାସୀ ସାମଗ୍ରୀ ବିକ୍ରିବଟା ହେବ। ଏଥିସହ କଳା ଓ ହସ୍ତଶିଳ୍ପ ଗ୍ରାମ ପାଇଁ ୪୦ ଟି ଷ୍ଟଲ୍ ପ୍ରସ୍ତୁତ କରାଯାଉଥିବା ବେଳେ ୧୫ ଟି ଷ୍ଟଲ୍ ରେ ଲାଇଭ୍ ଡେମନଷ୍ଟ୍ରେସନ୍ ର ସୁବିଧା ରହିବ। ଏଥିସହ ଭଗବାନ ବିର୍ସା ମୁଣ୍ଡା ପାଭିଲିୟନ୍ ର ୫ ଟି ଗ୍ୟାଲେରୀରେ ବିର୍ସାମୁଣ୍ଡାଙ୍କ ଜୀବନୀ, ରାଜ୍ୟ ତଥା ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ସମ୍ପର୍କିତ ଗ୍ୟାଲେରୀ, ଚିତ୍ରାଙ୍କନ ପ୍ରଦର୍ଶନୀ, ମିନି ଥିଏଟର୍ ଓ ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯିବ।

ପ୍ରତି ସନ୍ଧ୍ୟାରେ ଆଦିବାସୀ ନୃତ୍ୟସଙ୍ଗୀତର ପରିବେଷଣ କରାଯିବା ସହ ଭଗବାନ ବିର୍ସା ମୁଣ୍ଡାଙ୍କ ଜୀବନୀ ଆଧାରିତ ଲେଜର୍ ଶୋ, ଓଡ଼ିଶାର ଜନଜାତି ସମ୍ପ୍ରଦାୟଭିତ୍ତିକ ଡ୍ରୋନ୍ ଶୋ, ଓଡ଼ିଶାର ଜନଜାତି ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ପର୍ଯ୍ୟବେଶିତ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ, ଫ୍ୟାସନ୍ ଶୋ ଏବଂ ଫାୟର୍ ଓ୍ୱାର୍କ ଶୋ'ର ମଧ୍ୟ ଆୟୋଜନ କରାଯିବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସ୍ୱାଧୀନତା ସଂଗ୍ରାମୀଙ୍କ...

ସମ୍ମାନାର୍ଥେ ଚଳିତ ବର୍ଷ ଡଃ ମହତାବଙ୍କ ୧୨୫ତମ ଜନ୍ମ ବାର୍ଷିକୀକୁ ରାଜ୍ୟ ତଥା ରାଷ୍ଟ୍ରସ୍ତରରେ ଏକ ବର୍ଷବ୍ୟାପୀ ପାଳନ କରାଯାଉଛି। ଡଃ ମହତାବଙ୍କ ସ୍ମୃତିକୁ ଉଜ୍ଜିବୀତ କରି ରଖିବା ପାଇଁ ତାଙ୍କ ଜୀବନୀ ଉପରେ ବାୟୋପିକ୍ ନିର୍ମାଣ କରାଯିବ। ତାଙ୍କ ରଚିତ ପୁସ୍ତକ ଓ ଆଲେଖ୍ୟ ଗୁଡିକର ବିଭିନ୍ନ ଭାଷାରେ ପୁନଃ ପ୍ରକାଶନ, ତାଙ୍କ ଜନ୍ମସ୍ଥାନ ଅଗରପଡାରେ ମେମୋରିଆଲ ପ୍ରତିଷ୍ଠା, ତାଙ୍କ ଜୀବନୀ ଉପରେ ଗବେଷଣା ଆଦି ଅନେକ କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ କରାଯିବ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଭାରତର ସ୍ୱାଧୀନତା ସଂଗ୍ରାମ ସ୍ୱତନ୍ତ୍ର ଓ ଅନନ୍ୟ। ଗାନ୍ଧିଜୀଙ୍କ ନେତୃତ୍ୱରେ ଚାଲିଥିବା ସ୍ୱାଧୀନତା ସଂଗ୍ରାମର ମୁଖ୍ୟଧାରା ବିଷୟରେ ଆମେ ସମସ୍ତେ ଜାଣିଛେ। କିନ୍ତୁ, ଏହା ସହିତ ଭାରତ ବର୍ଷରେ ଅହୁରି ଅନେକ ମହାନ ବ୍ୟକ୍ତି ନିଜ ନିଜ ବିଚାରଧାରାରେ ଆନ୍ଦୋଳନ କରୁଥିଲେ। ଆମେ ସେମାନଙ୍କ କଥା ଜାଣିନାହୁଁ। ଇତିହାସରେ ସେମାନେ ସଠିକ୍ ଭାବେ ସ୍ଥାନୀତ ହୋଇ ନାହାନ୍ତି। ଏହି ବୀର ସଂଗ୍ରାମୀମାନେ ନିଜ ପାଇଁ କିମ୍ବା ଇତିହାସ ପୃଷ୍ଠାରେ ସ୍ଥାନ ପାଇବା ପାଇଁ ପ୍ରାଣବଳୀ କିମ୍ବା ତ୍ୟାଗ ଦେଇନଥିଲେ। ତାଙ୍କ ପାଇଁ ଦେଶ ଓ ଦେଶର ସ୍ୱାଧୀନତା ସବୁକିଛି ଥିଲା। ଆଜି ସମୟ ଆସିଛି ଜନସାଧାରଣ ତାଙ୍କ ବିଷୟରେ ଜାଣିବା ପାଇଁ। କାରଣ ଏକ ସମାଜ ପାଇଁ ତା'ର ଇତିହାସ ହେଉଛି ସବୁଠାରୁ ବଡ ଶିକ୍ଷା। ଯଦି ଆମେ ଆମର ଇତିହାସକୁ ସ୍ମରଣ ନକରିବା ତେବେ ଆମର ବର୍ତ୍ତମାନ ମୂଲ୍ୟହୀନ ଓ ଭବିଷ୍ୟତ ଅନ୍ଧକାରମୟ ହେବ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଇତିହାସର ଏହି ଭୁଲକୁ ସୁଧାରିବା ପାଇଁ ୨୦୧୪ ମସିହା ପରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍ୟମ ଆରମ୍ଭ ହୋଇଛି। ଏପରି ନାମହୀନ, ପରିଚୟହୀନ ମହାପୁରୁଷ ଏବଂ ବରପୁତ୍ରୀମାନଙ୍କୁ ଯଥୋଚିତ ସମ୍ମାନ ଦେବା ସହ ସେମାନଙ୍କୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରାଯାଉଛି। ଯାହାଫଳରେ ଆମେ ସାରା ଭାରତବର୍ଷରେ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ ବିଷୟରେ ଜାଣିପାରୁଛୁ। ନିକଟରେ ପ୍ରଧାନମନ୍ତ୍ରୀ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ରୂପେ ନାମିତ କରିଛନ୍ତି। ଆମ ରାଜ୍ୟରେ ବରଗଡ ଜିଲ୍ଲାର ମହାନ ସ୍ୱାଧୀନତା ସଂଗ୍ରାମୀ ଶହିଦ୍ ମାଧୋ ସିଂହଙ୍କ ତ୍ୟାଗ ଓ ବଳିଦାନର ସମ୍ମାନାର୍ଥେ ଶହିଦ ମାଧୋ ସିଂହ ହାତଖର୍ଚ୍ଚ ଯୋଜନା ଆମେ ଆରମ୍ଭ କରିବାକୁ ଯାଉଛୁ। ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରିଥିବା ସମସ୍ତ ବରପୁତ୍ର ମାନଙ୍କୁ ସମ୍ମାନ ଦେବାରେ ଆମ ସରକାର କେବେହେଲେ ଅବହେଳା କରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ମହୋତ୍ସବରେ ଦେଶର ୧୦ଟି ରାଜ୍ୟରୁ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଦାୟାଦ ମାନେ ଯୋଗ ଦେଇଥିଲେ। ସେମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏହି ମହୋତ୍ସବ ଅବସରରେ ସ୍ୱାଧୀନତା ସଂଗ୍ରାମୀ ସଦନ ପରିସରରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଆୟୋଜିତ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦଘାଟନ କରିବା ସହ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ତଥା ମହୋତ୍ସବ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ପୃଥ୍ୱୀରାଜ ହରିଚନ୍ଦନ ସ୍ୱାଗତ ଭାଷଣ ଦେଇଥିଲେ। ଆନ୍ଧ୍ରପ୍ରଦେଶ ଓ ଛତିଶଗଡର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ବିଶିଷ୍ଟ ସ୍ୱାଧନତା ସଂଗ୍ରାମୀ ତଥା ମହୋତ୍ସବର ସଭାପତି ବିମ୍ବାଧର ମୁଦୁଲି, ସାଂସଦ ଭର୍ତ୍ତୃହରି ମହତାବ, ବିରୋଧୀ ଦଳ ଉପ-ନେତା ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ବାବୁ ସିଂହ, ବିଧାୟକ ସାରଦା ପ୍ରଧାନ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ପ୍ରମୁଖ ସେମାନଙ୍କର ଅଭିଭାଷଣ ରଖିଥିଲେ।

## ଓଡ଼ିଶାରେ ନୂଆ...

ପହଞ୍ଚିବା ପରେ ପୁରୀ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି। ପୁରୀ ରାଜଭବନରେ ରାତ୍ରିଯାପନ କରିବେ। ଶୁକ୍ରବାର ଭୁବନେଶ୍ୱର ଫେରି ନୂଆ ରାଜ୍ୟପାଳ ହରିବାବୁ କମ୍ଭମପତି ଶପଥ ନେବା କାର୍ଯ୍ୟକ୍ରମ ରହିଛି। ଗତ ଡିସେମ୍ବର ୨୪ ତାରିଖରେ ଓଡ଼ିଶାର ରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିଲେ। ପୂର୍ବରୁ ସେ ମିଜୋରାମର ରାଜ୍ୟପାଳ ଥିଲେ। ଛାତ୍ର ରାଜନୀତିରୁ କ୍ୟାରିୟର ଆରମ୍ଭ କରିଥିବା ଡଃ କମ୍ଭମପତି ୧୯୭୪-୭୫ ମସିହାରେ ଜୟପ୍ରକାଶ ନାରାୟଣଙ୍କ ଆନ୍ଦୋଳନବେଳେ ଗିରଫ ହୋଇ ୬ମାସ ଜେଲ ଯାଇଥିଲେ। ସେ ୧୯୯୯ ମସିହାରେ ପ୍ରଥମ ଥର ପାଇଁ ବିଶାଖାପାଟଣାର ବିଧାୟକ ଭାବେ ଆନ୍ଧ୍ରପ୍ରଦେଶ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରେ ୨୦୧୪ ମସିହାରେ ବିଶାଖାପାଟଣା ଲୋକସଭା ଆସନରୁ ସଂସଦକୁ ନିର୍ବାଚିତ ହୋଇଥିଲେ।

## ବଦଳିଲେ ମୁଖ୍ୟମନ୍ତ୍ରୀଙ୍କ...

ବ୍ୟାଚ ଆଇଏଏସ ଅଫିସର। ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପଦରୁ ବଦଳି କରାଯାଇଛି। ତେବେ କାହିଁକି ତାଙ୍କୁ ବଦଳି କରାଗଲା ତାହା ଜଣାପଡ଼ି ନାହିଁ। ସେ ଜୁଲାଇରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତ ହୋଇଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟକ୍ତିଗତ ସଚିବ ବଦଳି ପରେ ତାଙ୍କୁ ପୌର ପ୍ରଶାସନ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।

## ପୁଣି ଖସିଲା...

ଘୁମୁସର ଉଦୟଗିରି ରାଜ୍ୟର ସବୁଠାରୁ ଥଣ୍ଡା ସହର ଭାବେ ଚିହ୍ନଟ ହୋଇଛି। ପ୍ରବଳ ଶୀତରେ ଥରୁଛି ସାରା ଅଞ୍ଚଳ। ଗୁରୁବାର ଘୁ.ଉଦୟଗିରି ସହରର ସର୍ବନିମ୍ନ ତାପମାତ୍ରା ୪.୮ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା କୃଷି ଗବେଷଣା କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ବୁଧବାର ସର୍ବନିମ୍ନ ତାପମାତ୍ରା ୬.୨ ଡିଗ୍ରୀ ରହିଥିଲା। କିଛି ଦିନ ବ୍ୟବଧାନ ପରେ ହଠାତ ଶୀତ ବଢ଼ିଥିବାରୁ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହେଉଛି। ଏଣେ ଅତ୍ୟଧିକ କୁହୁଡ଼ି ଯୋଗୁ ସମ୍ମୁଖ ରାସ୍ତା ଦେଖା ଯାଉନାହିଁ, ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ପ୍ରବଳ ଶୀତ ଯୋଗୁ ଗରିବ ଲୋକମାନେ ନାହିଁ ନ ଥିବା ଅସୁବିଧାରେ ଥିବାବେଳେ ଅନ୍ୟପଟେ ଶୀତର ମଜା ନେବା ପାଇଁ ଘୁ.ଉଦୟଗିରିକୁ ପର୍ଯ୍ୟଟକମାନଙ୍କ ଆଗମନ ବୃଦ୍ଧି ପାଇଛି। କଳିଙ୍ଗା ବନ ଉଦ୍ୟାନ, କାଳିଗାଡୁ ହିଲ୍‌ଟପ୍, ସିରିକି ପାର୍କ, କଫିବଗିଚ୍ଛ, କଳିଙ୍ଗା ଘାଟି ଦେଖିବାକୁ ପର୍ଯ୍ୟଟକମାନଙ୍କ ଭିଡ଼ ଜମୁଛି। ନୂଆବର୍ଷ ଆରମ୍ଭରୁ ଶୀତର ମାତ୍ରା ବଢ଼ିଚାଲିଛି। ସନ୍ଧ୍ୟା ହେଲେ ବଜାର ରାସ୍ତାଘାଟ ଜନଶୁନ୍ୟ ଦେଖିବାକୁ ମିଳୁଛି। ଚଳିତ ବର୍ଷ ବିଳମ୍ବରେ ଶୀତର ଆଗମନ ହୋଇଥିବା ବେଳେ କିଛି ଦିନ ବ୍ୟବଧାନରେ ବର୍ଷା ମେଘୁଆ ପାଗ ଯୋଗୁଁ ଶୀତ ଏକ ପ୍ରକାର ଉଭେଇ ଯାଇଥିଲା। ପାଗ ବଦଳିବା ପରେ ପୁଣି ସ୍ଥାନୀୟ ଅଞ୍ଚଳରେ ଶୀତ ପୁଣି ନିଜ ରାଜୁତି ଆରମ୍ଭ କରିଦେଇଛି। ଗରିବ ଅସହାୟ ଲୋକଙ୍କ ଦୁର୍ଦ୍ଦଶା ବଢେଇ ଦେଇଛି। ଅସହ୍ୟ ଜାଡ ବିନା ନିଆଁରେ ରହିବା କଷ୍ଟସାଧ ହୋଇପଡ଼ିଛି।

# ରାସ୍ତାକଡ଼ର ସୌନ୍ଦର୍ଯ୍ୟ : କାନ୍ଥବାଡ଼ରେ ଓଡ଼ିଶାର ପାରମ୍ପରିକ ଚିତ୍ରର ଗାଥା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପ୍ରବାସୀ ଭାରତୀୟ ଦିବସ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ଜାନୁୟାରୀ ୮ ତାରିଖରୁ ଭୁବନେଶ୍ୱରରେ ଏକାଠି ହେବେ ପ୍ରବାସୀ ଭାରତୀୟ। ହଜାର ହଜାର ଅତିଥି ସାମିଲ ହେବାକୁ ଥିବା ଏହି ସମ୍ମିଳନୀକୁ ସଫଳତାର ସହ ଆୟୋଜନର ପ୍ରସ୍ତୁତି ଯୁଦ୍ଧକାଳୀନ ଭିତିରେ ଚାଲିଛି। ସଜେଇ ହେଲାଣି ରାଜଧାନୀ ଭୁବନେଶ୍ୱର। ସରକାର ମଧ୍ୟ ଆତିଥେୟତାରେ ଯେପରି କୌଣସି ହେଳା ନହୁଏ ସେ ନେଇ ଯତ୍ନବାନ ଅଛନ୍ତି। ରାସ୍ତାକଡ଼ର ସୌନ୍ଦର୍ଯ୍ୟ, କାନ୍ଥବାଡରେ ଓଡ଼ିଶାର ପାରମ୍ପାରିକ ଚିତ୍ରର ଗାଥା ଦେଖିବାକୁ ମିଳିଲାଣି। ତେବେ ରାଜଧାନୀର ପରିମଳ ବ୍ୟବସ୍ଥା, ଆନୁସଙ୍ଗିକ ପ୍ରସ୍ତୁତି ଆଦି ସଂପର୍କରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର ଗୁରୁବାର ପ୍ରତ୍ୟୁସରୁ ଏୟାରପୋର୍ଟ ଛକରୁ ଆରମ୍ଭ କରି ନନ୍ଦନକାନ ପର୍ଯ୍ୟନ୍ତ ପ୍ରମୁଖ ରାସ୍ତା ଓ ସଂଲଗ୍ନ ଅଂଚଳର ପରିମଳ ବ୍ୟବସ୍ଥା , ରାସ୍ତାକଡର ସୌନ୍ଦର୍ଯ୍ୟ , କାନ୍ଥବାଡରେ ଓଡିଶାର ପାରମ୍ପାରିକ ଚିତ୍ରର ଗାଥା ଆଦି ପରଦର୍ଶନ କରି ଆବଶ୍ୟକ ସ୍ଥଳେ ତ୍ୱରିତ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅବସରରେ ତୁରନ୍ତ ହମ୍ପସ, ଖାଲ ସ୍ଥାନ, ଅସଜଡା ଜାଗା କୁ ସଜାଡ଼ିବା ଉପରେ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ସହିତ ସହରକୁ ସଫା ରଖିବାକୁ ପରାମର୍ଶ ଦେଇଛନ୍ତି। ଏୟାରପୋର୍ଟ ରୁ ପ୍ରଦର୍ଶନୀ ପଡିଆ ସମେତ ନନ୍ଦନକାନନ ଏବଂ ରାଜଧାନୀର କିଛି ଅଞ୍ଚଳ ବୁଲିବା ସହିତ ପ୍ରବାସୀ ଖାଇବେ ପାରମ୍ପରିକ ଓଡ଼ିଆ ଖାଦ୍ୟ, ଦେଶୀ ଖାଦ୍ୟର ମଜା ନେବେ ପ୍ରବାସୀ ବୋଲି ମନ୍ତ୍ରୀ ଡାଃ ମହାପାତ୍ର ଗଣମାଧ୍ୟମକୁ ସୁଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଦର୍ଶନୀ ପଡ଼ିଆରେ ଆଦିବାସୀ ମେଳା ସହ ହେବ ଫୁଡ୍ ଫେଷ୍ଟ ଭଳି ସିଟି ଆକ୍ଟିଭେଶନ କାର୍ଯ୍ୟଲକ୍ରମ। ନିଜର ପରିପର୍ଶ୍ୱକୁ ସଫା କରିବା ଲାଗି ରାଜଧାନୀରେ ଥିବା କର୍ପୋରେଟ ସମେତ ବିଭିନ୍ନ ଅଫିସ ଓ ବ୍ୟବସାୟୀଙ୍କ ଅନୁରୋଧ କଲେ ନଗର ଉନ୍ନୟନ ମନ୍ତ୍ରୀ। ୫ଟି ଡବଲ ଡେକର ବସ ଆସି ପହଁଚିବା ପରେ ୬ ରୁ ବସ୍ ଚଳାଇବାର ବ୍ୟବସ୍ଥା କରାଯାଉଥିବା ଏବଂ ପ୍ରବାସୀ ଭାରତୀୟଙ୍କୁ ନୂଆ ବସରେ ପୁରୀ ବୁଲେଇବା ସହ ଜଗନ୍ନାଥ ଦର୍ଶନ ସହ ଅଭଡ଼ା ଖୁଆଇବା ପାଇଁ ମନ୍ତ୍ରୀ କହିଛନ୍ତି।

ଦୋକାନ ଓ ଘର ଉଚ୍ଛେଦ ନେଇ ମନ୍ତ୍ରୀ କହିଛନ୍ତି ଯେଉଁମାନେ ଅବରୋଧ କରିଛନ୍ତି ସେହି ଗୁଡ଼ିକ ଉଚ୍ଛେଦ କରାଯାଉଛି। ମନ୍ତ୍ରୀଙ୍କ ଏହି ପରିଦର୍ଶନ କାଳରେ ବି.ଏମ୍.ସି କମିଶନର ରାଜେଶ ପ୍ରଭାକର ପାଟିଲ , ବିଡିଏ ଭିସି ତିରିମାଲା ନୟକଙ୍କ ସହିତ ଟିମ୍ ବି ଏମ୍ ସି ଓ ବିଡିଏ, ପୂର୍ତ୍ତବିଭାଗର ଯନ୍ତ୍ରୀ ପ୍ରମୁଖ ସାମିଲ ହୋଇଥିଲେ।

# ରେଳଧାରଣାରୁ ଯୁବକଙ୍କ ମୃତଦେହ ମିଳିବା ଘଟଣାରେ ପରିବାର ଲୋକଙ୍କ ରାସ୍ତାରୋକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୁନମା ଗେଟ ନିକଟ ରେଳ ଧାରଣାରୁ ଯୁବକଙ୍କ କ୍ଷତାକ୍ତ ମୃତଦେହ ମିଳିବା ଘଟଣା। ଗୋଶାଗରେଶ୍ୱର ଛକ ରଥ ରୋଡ଼ରେ ଶବ ରଖି ପରିବାର ଲୋକେ ରାସ୍ତା ରୋକ କରିଛନ୍ତି। ହତ୍ୟା ଅଭିଯୋଗ ଆଣିଥିଲେ ମୃତକଙ୍କ ଭାଇ। ୩ଜଣ ଯୁବକ ତାଙ୍କ ଭାଇଙ୍କୁ ହତ୍ୟା କରି ଫେରାର ହୋଇ ଯାଇଥିବା ସାଙ୍ଘାତିକ ଅଭିଯୋଗ କରିଛନ୍ତି ପରିବାର ଲୋକେ। ଜିଆରପି ପୋଲିସ ମାମଲା ନରଖିବାକୁ ନେଇ ଏଭଳି ପ୍ରତିବାଦ କରିଛନ୍ତି ପରିବାର ଲୋକେ।

# ଜାନୁଆରୀ ୬ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ ରହିବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଜାନୁଆରୀ ୬ ତାରିଖରେ ଭୁବନେଶ୍ୱର, ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ଏ ସମ୍ପର୍କରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଭୁବନେଶ୍ୱର
୦୩ ଜାନୁଆରୀ
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27



ପୁରୀ : ଭୁବନେଶ୍ୱରରେ ପହଞ୍ଚିବା ପରେ ସପରିବାର ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ଅବସରରେ ନୂତନ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପତି। (ଫଟୋ : ସମ୍ବାଦ କଳିକା)

## ବିର୍ସା ମୁଣ୍ଡା ହକି ଷ୍ଟାଡିୟମକୁ ହକି ଫେଡେରେସନ ଅଧ୍ୟକ୍ଷଙ୍କ ପ୍ରଶଂସା

ଭୁବନେଶ୍ୱର, ୨/୧ ନ୍ୟୁଜ ବ୍ୟୁରୋ

ରାଉରକେଲା ସହରରେ ନିର୍ମିତ ହୋଇଥିବା ବିର୍ସା ମୁଣ୍ଡା ହକି ଷ୍ଟାଡିୟମକୁ ଇଣ୍ଟରନ୍ୟାସନାଲ ହକି ଫେଡେରେସନ ଅଧ୍ୟକ୍ଷଙ୍କ ପ୍ରଶଂସା କରିଛନ୍ତି। ବିର୍ସା ମୁଣ୍ଡା ହକି ଷ୍ଟାଡିୟମକୁ ବିଶ୍ୱର ଶ୍ରେଷ୍ଠ ହକି ଷ୍ଟାଡିୟମ କହିଛନ୍ତି ଇଣ୍ଟରନ୍ୟାସନାଲ ହକି ଫେଡେରେସନର ଅଧ୍ୟକ୍ଷ ତାୟାବ ଇକ୍ରାମ। ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ହକି ଇଣ୍ଡିଆ ଲିଗ୍ ଅନୁଷ୍ଠିତ ହେଉଛି । ଏହି ଅବସରରେ ଇଣ୍ଟରନ୍ୟାସନାଲ ହକି ଫେଡେରେସନର ଅଧ୍ୟକ୍ଷ ତାୟାବ ଇକ୍ରାମ ସାମ୍ବାଦିକ ସମ୍ମିଳନୀ କରି ହକି ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ବିର୍ସା ମୁଣ୍ଡା ହକି ଷ୍ଟାଡିୟମର ପ୍ରଶଂସା କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ମାତ୍ର ୧୫ ମାସ ସମୟ ମଧ୍ୟରେ ରାଉରକେଲା ସହରରେ ବିଶ୍ୱର ସର୍ବ ବୃହତ ହକି ଷ୍ଟାଡିୟମ ନିର୍ମାଣ କରାଯାଇଥିଲା।

## ଓଡ଼ିଶା ଆସିବେ ୩ ମହାବଳ ଦେବ୍ରିଗଡ଼ ଅଭୟାରଣ୍ୟରେ ଛଡ଼ାଯିବ

ଭୁବନେଶ୍ୱର, ୨।୧
ନ୍ୟୁଜ ବ୍ୟୁରୋ

ଓଡ଼ିଶା ଆସିବେ ଆଉ ୩ ମହାବଳ। ଯମୁନା ଏବଂ ଜିନ୍ନତ ଖାପ ଖାଇଲା ପରେ ଆଉ ୩ ମହାବଳ ବାଘ ଓଡ଼ିଶା ଅଣାଯିବ। ସେମାନଙ୍କୁ ଦେବ୍ରିଗଡ଼ ଅଭୟାରଣ୍ୟରେ ଛଡ଼ାଯିବ। ଏନେଇ ବିଚାର ବିମର୍ଶ ଚାଲିଛି। ଏନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ୫ ମହାବଳ ବାଘ ଓଡ଼ିଶା ଆସିବାର ଥିଲା। ସେମାନଙ୍କ ମଧ୍ୟରୁ ବାଘୁଣୀ ଯମୁନା ଏବଂ ଜିନ୍ନତ ଓଡ଼ିଶା ଆସି ସାରିଛନ୍ତି। ବାଘୁଣୀ ଜିନ୍ନତ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛି। ଜଳକ୍ରୀଡ଼ା କରୁଛି, ଖାଦ୍ୟ ଆହରଣ ବି କରୁଛି। ଜିନ୍ନତ ଏବେ ଚହଲା ଏନ୍‌କ୍ଲୋଜରରେ ଅଛି। ତାକୁ ଶିମିଳିପାଳର ଦକ୍ଷିଣ ଭାଗରେ ଛଡ଼ାଯିବ। ଯମୁନା ବି ସେଠାରେ ରହୁଛି। ମନ୍ତ୍ରୀ ଆହୁରି କହିଛନ୍ତି ଏ ଦୁଇ ମହାବଳ ବାଘ ସମ୍ପୂର୍ଣ୍ଣ ଖାପ ଖୁଆଇଲା ପରେ ଆଉ ୩ ମହାବଳ ବାଘ ଆଣିବାକୁ ସରକାର ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ କହିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି : ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଚାଷୀଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦିଅ

ଭୁବନେଶ୍ୱର, ୨/୧ ନ୍ୟୁଜ ବ୍ୟୁରୋ

ଜିଲ୍ଲା ଗସ୍ତ ପରେ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଚିଠି ଲେଖିଛନ୍ତି। ଦୁଇ ଦିନରେ ୫ଜିଲ୍ଲା ଗସ୍ତ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି ନବୀନ ପଟ୍ଟନାୟକ। ଅଦିନିଆ ବର୍ଷାରେ ଭାଙ୍ଗିପଡିଥିବା ଚାଷୀଙ୍କ ଆତ୍ମବଳକୁ ବଢାଇବା ପାଇଁ ଚିଠିରେ ଉଲ୍ଲେଖ କରିଛନ୍ତି ନବୀନ। ଏହାସହ ସଠିକ ସମୟରେ ଉଚିତ କ୍ଷତିପୂରଣ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ନିବେଦନ କରିଛନ୍ତି ବିରୋଧୀ ଦଳ ନେତା। ଏହାସହ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ପ୍ରଦାନ କଥା ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ନବୀନ ଲେଖିଛନ୍ତି ଯଦି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟାର ମାନ୍ୟତା ମିଳିଥାନ୍ତା ତେବେ ଚାଷୀ ପରିବାର ଆଜି ଆଡିସନାଲ ସପୋର୍ଟ ସହ ଯଥାଶୀଘ୍ର କ୍ଷତିପୂରଣ ପାଇପାରିଥାନ୍ତେ ଏବଂ ସେମାନଙ୍କ ମନୋବଳ ପୁଣି ଥରେ ସବଳ ହୋଇଥାନ୍ତା।



## ମୃତ ଚାଷୀଙ୍କ ପରିବାରକୁ ଲକ୍ଷେ ଟଙ୍କାର ସହାୟତା ଦେଲେ ନବୀନ

ଭୁବନେଶ୍ୱର, ୨/୧ ନ୍ୟୁଜ ବ୍ୟୁରୋ

ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ସାରଣା ଗାଁର ମୃତ ଚାଷୀ କୃତିବାସ ସ୍ୱାଇଁଙ୍କ ପରିବାରକୁ ସହାୟତା ପ୍ରଦାନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ମୃତକଙ୍କ ପରିବାରକୁ ଭେଟିବା ପରେ ଏକ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି ଶ୍ରୀ ପଟ୍ଟନାୟକ । ବାଲିକୁଦା ଏରସମା ବିଧାୟକ ମୃତକଙ୍କ ପରିବାରକୁ ଭେଟି ଏହି ସହାୟତା ରାଶି ପ୍ରଦାନ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ସରକାରଙ୍କ ପକ୍ଷରୁ କୌଣସି ସହାୟତା ପ୍ରଦାନ କରାଯାଇନଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଲଗାଣ ବର୍ଷା ଓ ଲଘୁଚାପଜନିତ ବର୍ଷାରେ ସୁନାର ଫସଲ ନଷ୍ଟ ହେବା ପରେ ଚାଷୀ କୃତିବାସ ଋଣ ଶୁଝିବା ଚିନ୍ତାରେ ବେକରେ ରଶି ଲଗାଇ ଗତସୋମବାର ରାତିରେ ଆତ୍ମହତ୍ୟା କରିଥିଲେ । ଏହି ଖବର ଶୁଣି ଦୁଃଖ ପ୍ରକାଶ କରିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପରେ ବାଲିକୁଦା ବ୍ଲକ ଅଞ୍ଚଳ ଗସ୍ତ ସମୟରେ ମୃତ ଚାଷୀଙ୍କ ଘରକୁ ଯାଇ ତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ।



ଭୁବନେଶ୍ୱର : ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୩୮ ତମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ବିଧାନସଭା ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ବାଚସ୍ପତି ସୁରମା ପାଢୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହ ଦେଓ ଓ ପ୍ରଭାତୀ ପରିଡା, ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ଏବଂ ଏକାମ୍ର ବିଧାୟକ ବାବୁ ସିଂ ପ୍ରମୁଖ। (ଫଟୋ : ସମ୍ବାଦ କଳିକା)

### ଜାନୁଆରୀ ୫ରେ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଓ 'କାଦମ୍ବିନୀ ପତ୍ରିକାହାଟ'

# ଡ. ଜ୍ଞାନେଶ୍ୱର ମୁଳେ ପାଇବେ ଜାତୀୟସ୍ତରୀୟ 'ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୫'

ଭୁବନେଶ୍ୱର, ୨।୦୧
ନ୍ୟୁଜ ବ୍ୟୁରୋ




ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ'ର ବାର୍ଷିକ ସାହିତ୍ୟ ମହାକୁମ୍ଭ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଓ 'କାଦମ୍ବିନୀ ପତ୍ରିକାହାଟ' ଆସନ୍ତା ୫ ତାରିଖରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ ମର୍ଯ୍ୟାଦାଜନକ 'ନୀଳିମାରାଣୀ ସାହିତ୍ୟ ସମ୍ମାନ' ସମେତ ଅନ୍ୟାନ୍ୟ ସମ୍ମାନ ପ୍ରଦାନ କରାଯିବ। ଭାରତୀୟ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସର୍ବଭାରତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ବିଶିଷ୍ଟ ମରାଠୀ ସାହିତ୍ୟିକ ଡ. ଜ୍ଞାନେଶ୍ୱର ମୁଳେଙ୍କୁ ଚଳିତବର୍ଷର ସମ୍ମାନଜନକ ଜାତୀୟସ୍ତରୀୟ 'ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୫' ପ୍ରଦାନ କରାଯିବ। ଓଡ଼ିଶାର ଭାଷା, ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ସାମଗ୍ରିକ ପ୍ରଚାର ପ୍ରସାର ତଥା ବିକାଶର ଲକ୍ଷ୍ୟନେଇ କାର୍ଯ୍ୟ କରୁଥିବା 'କାଦମ୍ବିନୀ ସାହିତ୍ୟ ଏକାଡେମୀ' ତରଫରୁ ଡ. ମୁଳେଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ତାଙ୍କୁ ୧୦ଲକ୍ଷ ଟଙ୍କାର ଅର୍ଥରାଶି ସମେତ ରୌପ୍ୟ ଫଳକ, ମାନପତ୍ର ଓ ଉପଢ୍ୱୌକନ ପ୍ରଦାନ କରାଯିବ। ସେହିଭଳି 'ପରାଗ'ର ସମ୍ପାଦକ ବନମାଳୀ ସେନାପତି ଏବଂ 'କାବ୍ୟାଲୋକ'ର ସମ୍ପାଦକ ଭିକାରୀ ଧଳଙ୍କୁ 'କାଦମ୍ବିନୀ ସମ୍ପାଦକ ସମ୍ମାନ-୨୦୨୫' ପ୍ରଦାନ କରାଯିବ। ବରିଷ୍ଠ ସାହିତ୍ୟିକ ରମେଶ ପ୍ରସାଦ ପାଣିଗ୍ରାହୀ, ଜୟକୃଷ୍ଣ ସାମଲ, ଶୈଳଜା କୁମାରୀ ଅପରାଜିତା ମହାନ୍ତି ଓ ପ୍ରଭାକର ଶତପଥୀଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା-୨୦୨୫'ରେ ସମ୍ବର୍ଦ୍ଧିତ କରାଯିବ। ପ୍ରଖ୍ୟାତ କଥାକାର ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଥିବା 'କାଦମ୍ବିନୀ ସାହିତ୍ୟ ମହୋତ୍ସବ'ର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ଇନ୍ଦିରା ଗାନ୍ଧୀ ଜାତୀୟ କଳାକେନ୍ଦ୍ରର ସଦସ୍ୟ ସଚିବ ଡ. ସଚ୍ଚିଦାନନ୍ଦ ଯୋଶୀ, ମୁଖ୍ୟବକ୍ତା ବିଶିଷ୍ଟ ଚଳଚ୍ଚିତ୍ର ଓ ଟେଲି ଅଭିନେତା, ନିର୍ଦ୍ଦେଶକ, ଲେଖକ ଚନ୍ଦ୍ରପ୍ରକାଶ ଦ୍ୱିବେଦୀ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ସମ୍ମାନିତ ଅତିଥି ଭାବରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକା ବନଜ ଦେବୀ, ଜାତୀୟସ୍ତରର ବିଶିଷ୍ଟ ଲେଖିକା, ସମ୍ପାଦିକା ଓ ବ୍ଲଗର୍ ନୀନା ବର୍ମା ଏବଂ ବିଶିଷ୍ଟ ଲେଖକ, ଅଭିନେତା ଓ ମଞ୍ଚ କଳାକାର ଅଖିଳେନ୍ଦ୍ର ମିଶ୍ର ଯୋଗଦେବେ। ଏହି ଅବସରରେ 'ସେମାନେ ଓ ସେମାନଙ୍କ କବିତା' ଶୀର୍ଷକରେ କବିତା ପାଠୋତ୍ସବ ମଧ୍ୟ ଅନୁଷ୍ଠିତ ହେବ। ଏଥିରେ ବିଶିଷ୍ଟ କବୟିତ୍ରୀ ଗିରିବାଳା ମହାନ୍ତି, ବିଶିଷ୍ଟ କବି ଓ ଅନୁବାଦକ ସଂଗ୍ରାମ ଜେନା ଓ ବିଶିଷ୍ଟ କବି ଓ ଅନୁବାଦକ ସୁରେନ୍ଦ୍ର ପାଣିଗ୍ରାହୀ ଯୋଗଦେବାକୁ ଥିବାବେଳେ ନିମନ୍ତ୍ରିତ କବିମାନେ କବିତାପାଠ କରିବେ। ସେହିଭଳି ଶିଶୁ କବିତା ପାଠୋତ୍ସବ 'ଚୁଲବୁଲୀ, ଚୁଲ୍‌ବୁଲ୍‌ମାନଙ୍କ ସରସ ପଦ୍ୟ' ମଧ୍ୟ ଅନୁଷ୍ଠିତ ହେବ। ଏଥିରେ ବିଶିଷ୍ଟ ଶିଶୁ ସାହିତ୍ୟିକ କୃତ୍ତିବାସ ନାୟକ, ବିଶିଷ୍ଟ ଅନୁବାଦକ ଶରତ ଆଚାର୍ଯ୍ୟ ଓ ବିଶିଷ୍ଟ ଗୀତିକାର ନିର୍ମଳ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେବେ। ମହୋତ୍ସବର ଶେଷ ଅଧିବେଶନରେ 'ନୃତ୍ୟ, ଅଭିନୟର ଯୁଗଳବନ୍ଦୀ ଓ କୁନାକୁନିମାନେ' ଅନୁଷ୍ଠିତ ହେବ। ଏଥିରେ ବିଚାରକ ଭାବେ ଯୋଗଦେବେ ଗୁରୁ ପ୍ରଦୀପ ଦାସ ଓ ଗୁରୁ ଦେବବ୍ରତ ଦାସ। ଏହି ଏକଦିବସୀୟ କାର୍ଯ୍ୟକ୍ରମରେ ସାହିତ୍ୟ, ସଂସ୍କୃତିପ୍ରେମୀ ଯୋଗଦେବା ପାଇଁ 'କାଦମ୍ବିନୀ' ଓ 'କୁନିକଥା'ର ସମ୍ପାଦିକା ଡ. ଇତି ସାମନ୍ତ ଅନୁରୋଧ କରିଛନ୍ତି।

## ନାଲ୍‌କୋର ନୂତନ ନିର୍ଦ୍ଦେଶକ (ମାନବ ସମ୍ବଳ) ଭାବେ ଡ. ତାପସ କୁମାର ପଟ୍ଟନାୟକଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର, ୦୨/୦୧
ନ୍ୟୁଜ ବ୍ୟୁରୋ



କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ନୂତନ ନିର୍ଦ୍ଦେଶକ (ମାନବ ସମ୍ବଳ) ଭାବେ ଡ. ତାପସ କୁମାର ପଟ୍ଟନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଡ. ପଟ୍ଟନାୟକ ନୂଆଦିଲ୍ଲୀ ସ୍ଥିତ ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ରିଫାଇନେରୀ ଡିଭିଜନର ମୁଖ୍ୟାଳୟରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଭାବେ କାର୍ଯ୍ୟ କରିଆସୁଥିଲେ। ମାନବ ସମ୍ବଳ ଏବଂ ଶୈକ୍ଷିକ ସମ୍ପର୍କ କ୍ଷେତ୍ରରେ ଦୀର୍ଘ ୩୩ ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିବା ସହିତ ଡ. ପଟ୍ଟନାୟକ ସାଂଗଠନିକ ବିକାଶ, କର୍ମଚାରୀଙ୍କ ନିଯୋଜନ, ପ୍ରତିଭା ଅଧିଗ୍ରହଣ, ଶିଳ୍ପ ସମ୍ପର୍କ, ଶିକ୍ଷଣ ଓ ବିକାଶ ଏବଂ ମାନବ ସମ୍ବଳ ରଣନୀତି କ୍ଷେତ୍ରରେ ବିଶେଷ ଅଭିଜ୍ଞତା ହାସଲ କରିଛନ୍ତି । ଖଣି, ବିଶୋଧନାଗାର, ତୈଳ ଏବଂ ଗ୍ୟାସ କ୍ଷେତ୍ରରେ ଡକ୍ଟର ପଟ୍ଟନାୟକଙ୍କର ମଧ୍ୟ ବିଶେଷ ଅଭିଜ୍ଞତା ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ଡକ୍ଟର ପଟ୍ଟନାୟକ କାର୍ମିକ ପରିଚାଳନା ଏବଂ ଶୈକ୍ଷିକ ସମ୍ପର୍କ କ୍ଷେତ୍ରରେ ସ୍ନାତକୋତ୍ତର ଏବଂ ପିଏଚଡି ସହ ଆଇନରେ ମଧ୍ୟ ଡିଗ୍ରୀ ହାସଲ କରିଛନ୍ତି। ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ସାଂଗଠନିକ ଲକ୍ଷ୍ୟ ସହିତ ମେଳ ଖାଉଥିବା ଅଭିନବ କାର୍ଯ୍ୟଶୈଳୀ ଗୁଡ଼ିକର ଉପଯୋଗ ନିମନ୍ତେ ଡ. ତାପସ କୁମାର ପଟ୍ଟନାୟକ ଅଗ୍ରାଧିକାର ଦେଇଥାନ୍ତି । ନାଲ୍‌କୋରେ ଡ. ପଟ୍ଟନାୟକ ମାନବ ସମ୍ବଳ ବିଭାଗର ଦାୟିତ୍ୱ ବହନ କରିବା ସହ, ପ୍ରତିଭା ଅଧିଗ୍ରହଣ, କର୍ମଚାରୀ ଦକ୍ଷତା ବିକାଶ, ସାଂଗଠନିକ ପ୍ରଭାବଶୀଳତା ଏବଂ ନାଲ୍‌କୋର ମାନବ ସମ୍ବଳ କାର୍ଯ୍ୟକ୍ରମ ମାଧ୍ୟମରେ କମ୍ପାନୀର ଦୀର୍ଘକାଳୀନ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିବେ । ଖଣି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ତଥା ନାଲ୍‌କୋ ସିଏମଡି ସଞ୍ଜୟ ଲୋହିୟା ଡକ୍ଟର ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇବା ସହ ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ନୂତନତା ଆଣିବେ ବୋଲି ଆଶା ପ୍ରକଟ କରିଛନ୍ତି, ଯାହାକି ସଂଗଠନର କାର୍ଯ୍ୟଦକ୍ଷତା ବୃଦ୍ଧି ଦିଗରେ ସହାୟକ ହେବ । ନିର୍ଦ୍ଦେଶକ (ମାନବ ସମ୍ବଳ) ଭାବେ ଡକ୍ଟର ପଟ୍ଟନାୟକଙ୍କ ଯୋଗଦାନ ନାଲ୍‌କୋର ନିର୍ଦ୍ଦେଶକ ମଣ୍ଡଳୀକୁ ଆହୁରି ସୁଦୃଢ କରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

# ଟ୍ୱିନ୍ ସିଟିରେ ୧୪% ବଢ଼ିଛି ହତ୍ୟା : ଅପରାଧ ଗ୍ରାଫ୍‌ରେ ଭୁବନେଶ୍ୱର କଟକ ଉପରେ

ଭୁବନେଶ୍ୱର,୦୨/୦୧ ନ୍ୟୁଜ ବ୍ୟୁରୋ

ଟ୍ୱିନ୍ ସିଟିରେ ୨୦୨୩ ଅପେକ୍ଷା ୨୦୨୪ରେ ବିଭିନ୍ନ ଅପରାଧ ବଢ଼ିଛି । ପୂର୍ବ ବର୍ଷ ଅପେକ୍ଷା ୨୦୨୪ରେ ହତ୍ୟାର ହାର ୧୪% ବଢ଼ିଥିବା ବେଳେ ବଳାତ୍କାର ହାର ୩% କମିଛି ବୋଲି ପୁଲିସ୍ କମିଶନର ଏସ୍. ଦେବଦତ୍ତ ସିଂହ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । କଟକ ଅପେକ୍ଷା ଭୁବନେଶ୍ୱର ୟୁପିଡିରେ ଅପରାଧ ବଢ଼ିଛି ବୋଲି ସେ ସ୍ୱୀକାର କରିଛନ୍ତି । ୨୦୨୩ରେ ଟ୍ୱିନ୍ ସିଟିରେ ୭୮ଟି ହତ୍ୟା ମାମଲା ରୁଜୁ ହୋଇଥିଲା । ୨୦୨୪ରେ ଥିଲା ୮୯ଟି ହତ୍ୟା ମାମଲା । ଅର୍ଥାତ ୧୪.୧୦% ଅଧିକ । ତେବେ ପୂର୍ବ ବର୍ଷ ଅପେକ୍ଷା ୨୦୨୪ରେ ଟ୍ୱିନ୍ ସିଟିରେ ବଳାତ୍କାର ହାର ୩.୮୮% କମିଛି। ୨୦୨୩ରେ କଟକ-ଭୁବନେଶ୍ୱର ୟୁପିଡିରେ ୨୩୨ଟି ବଳାତ୍କାର ମାମଲା ରୁଜୁ ହୋଇଥିଲା । ୨୦୨୪ରେ ୨୨୩ଟି ମାମଲା ରୁଜୁ ହୋଇଛି । ଏଥିରୁ ୮୬ଟି ମାମଲା କଟକର ବିଭିନ୍ନ ଥାନାରେ ରୁଜୁ ହୋଇଥିବା ବେଳେ ୧୩୭ଟି ବଳାତ୍କାର ମାମଲା ଭୁବନେଶ୍ୱରରେ ରୁଜୁ ହୋଇଥିଲା। ଟ୍ୱିନ୍ ସିଟିରେ ଡକାୟତି ମଧ୍ୟ କମିଛି । ୨୦୨୩ରେ ମୋଟ୍ ୧୮ଟି ଡକାୟତି ମାମଲା ରୁଜୁ ହୋଇଥିଲା । ୨୦୨୪ରେ ମାତ୍ର ୧୧ଟି ମାମଲା ରୁଜୁ ହୋଇଛି । ପୂର୍ବ ବର୍ଷ ଅପେକ୍ଷା ଏହା ୩୮.୮୯% କମ୍ । ୨୦୨୪ରେ ଭୁବନେଶ୍ୱର ୟୁପିଡିରେ ୬ଟି ଓ କଟକରେ ୫ଟି ଡକାୟତି ମାମଲା ରୁଜୁ ହୋଇଥିଲା। ୨୦୨୩ ତୁଳନାରେ ଗତବର୍ଷ ଚୋରି ହାର କଟକରେ ୧୧.୬୫% ବଢ଼ିଥିବାବେଳେ ଭୁବନେଶ୍ୱରରେ ୬.୩୮% କମିଛି । ଯାହା ଭୁବନେଶ୍ୱର କମିଶନରେଟ୍ ପୁଲିସ୍ ଇତିହାସରେ ପ୍ରଥମ । ୨୦୨୩ରେ କଟକର ବିଭିନ୍ନ ଥାନାରେ ୭୦୪ଟି ଚୋରି ମାମଲା ରୁଜୁ ହୋଇଥିଲାବେଳେ ୨୦୨୪ରେ ୭୮୬ଟି ମାମଲା ରୁଜୁ ହୋଇଥିଲା । ଭୁବନେଶ୍ୱର ୟୁପିଡିରେ ୨୦୨୩ରେ ୧୯୪୩ଟି ଚୋରି ହୋଇଥିଲା । ୨୦୨୪ରେ ୧୮୧୯ଟି ଚୋରି ହୋଇଥିବା ପୁଲିସ୍ ରିପୋର୍ଟରୁ ଜଣାପଡିଛି। ତେବେ ଚୋରି କ୍ଷେତ୍ରରେ ପୁଲିସ୍ ଚାର୍ଜସିଟ୍ ଦେବା ଓ ସମ୍ପତ୍ତି ଜବତ କରିବାରେ ସମ୍ପୂର୍ଣ୍ଣ ଫେଲ୍ ମାରିଛି । ଚୋରି ହୋଇଥିବା ସମ୍ପତ୍ତି ମଧ୍ୟରୁ ମାତ୍ର ୧୫% ଜବତ କରିବାରେ ସକ୍ଷମ ହୋଇଛି। ଠକେଇ ମାମଲାରେ ୨୦୨୪ ମସିହାରେ ସର୍ବକାଳୀନ ରେକର୍ଡ କରିଛି ଭୁବନେଶ୍ୱର । ୨୦୨୩ରେ ୧୦୦୫ଟି ଠକେଇ ମାମଲା ରୁଜୁ ହୋଇଥିଲା । ୨୦୨୪ରେ ଏହି ସଂଖ୍ୟା ୧୩୧୪କୁ ଛୁଇଁଛି । ପୂର୍ବ ବର୍ଷ ଅପେକ୍ଷା ୩୦.୭୫% ବଢ଼ିଛି । ମାତ୍ର କଟକରେ ୨୦୨୩ ଅପେକ୍ଷା ୨୦୨୪ରେ ୧୦.୯୫% ଠକେଇ ହ୍ରାସ ପାଇଛି । ୨୦୨୪ରେ କଟକରେ ୨୩ଟି ହତ୍ୟା ମାମଲା ରୁଜୁ ହୋଇଥିଲା । ୨୦୨୩ରେ ୨୬ଟି ଥିଲା । ଭୁବନେଶ୍ୱରରେ ୨୦୨୩ରେ ୫୨ଟି ଓ ୨୦୨୪ରେ ୬୬ଟି ହତ୍ୟା ମାମଲା ରୁଜୁ ହୋଇଥିଲା । ୨୦୨୩ ଅପେକ୍ଷା ୨୦୨୪ରେ ୨୬.୨୯% ହତ୍ୟା ବଢ଼ିଛି । ସିନ୍ଧିଚୋରି (ବର୍ଗୁଲାରୀ) ମଧ୍ୟ ଟ୍ୱିନ୍ ସିଟିରେ କମ୍ ରହିଛି । ୨୦୨୩ରେ ଟ୍ୱିନ୍ ସିଟିରେ ୬୩୮ଟି ମାମଲା ରୁଜୁ ହୋଇଥିଲା । ୨୦୨୪ରେ ୫୩୫ଟି ସିନ୍ଧିଚୋରି ହୋଇଥିବା ନେଇ ବିଭିନ୍ନ ଥାନାରେ ଅଭିଯୋଗ ହୋଇଥିଲା । ଯାହା ୧୬.୧୪% କମ୍ । ୨୦୨୪ରେ କଟକ ୟୁପିଡିରେ ୧୬୬ଟି ଓ ଭୁବନେଶ୍ୱରରେ ୩୬୯ଟି ସିନ୍ଧିଚୋର ହୋଇଥିଲା। ଲୁଟ୍ ମଧ୍ୟ ଟ୍ୱିନ୍ ସିଟିରେ କମିଛି । ୨୦୨୩ରେ ୬୮୨ଟି ମାମଲା ରୁଜୁ ହୋଇଥିଲାବେଳେ ୨୦୨୪ରେ ଥିଲା ୪୭୨ଟି ମାମଲା । ଯାହା ପୂର୍ବ ବର୍ଷ ତୁଳନାରେ ୩୦.୭୯% କମ୍ । ୨୦୨୪ରେ ଭୁବନେଶ୍ୱରରେ ୩୯୨ଟି ଲୁଟ୍ ଓ କଟକର ବିଭିନ୍ନ ଥାନାରେ ୮୦ଟି ଲୁଟ୍ ମାମଲା ରୁଜୁ ହୋଇଥିଲା । କଟକ ଅପେକ୍ଷା ଭୁବନେଶ୍ୱରରେ ଦୁର୍ଘଟଣା ଦେଢ଼ ଗୁଣ ବଢ଼ିଛି । କଟକରେ ୨୦୨୪ରେ ୪୧୩ଟି ଦୁର୍ଘଟଣା ମାମଲା ରୁଜୁ ହୋଇଥିଲାବେଳେ ଭୁବନେଶ୍ୱରରେ ୮୬୬ ଦୁର୍ଘଟଣା ମାମଲା ରୁଜୁ ହୋଇଥିଲା । ୨୦୨୩ରେ ଭୁବନେଶ୍ୱରରେ ମୋଟ ୧୧୯୭୫ଟି ମାମଲା ରୁଜୁ ହୋଇଥିଲା । ୨୦୨୪ରେ ୧୪୩୯୨ଟି ମାମଲା ରୁଜୁ ହୋଇଥିଲା । ଯାହା ୨୦.୧୮% ଅଧିକ । ତେବେ କଟକରେ ୨୦୨୩ରେ ମୋଟ ୭୪୩୫ଟି ମାମଲା ରୁଜୁ ହୋଇଥିଲାବେଳେ ୨୦୨୪ରେ ୨.୮୮ % ମାମଲା କମିଥିଲା ଅର୍ଥାତ ୭୨୨୧ଟି ମାମଲା ରୁଜୁ ହୋଇଥିଲା ।






ସମ୍ପାଦକୀୟ
ପୃଷ୍ଠା-୪
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା

'ୱାନ ନେସନ, ୱାନ ଇଲେକ୍ସନ'ରେ
୩୯ ଜଣିଆ ବିଶିଷ୍ଟ ଯୁଗ୍ମ ସଂସଦୀୟ ସମିତିର ଅଧ୍ୟକ୍ଷ ହେଲେ ବିଜେପି ସାଂସଦ ପିପି ଚୌଧୁରୀ

ONE NATION
ONE ELECTION

ରାଜ୍ୟରେ ବଢୁଛି ବାଲ୍ୟ ବିବାହ
୫ ବର୍ଷରେ ୨୨୮୯ ନାବାଳିକା ଗର୍ଭବତୀ

## କର୍ତ୍ତବ୍ୟପଥରେ ଗଡିବନି ଓଡ଼ିଶା ପ୍ରଜ୍ଞାପନ ମେଢ

ଭୁବନେଶ୍ୱର,୦୨/୦୧ନ୍ୟୁଜ ବ୍ୟୁରୋ

ଦିଲ୍ଲୀ କର୍ତ୍ତବ୍ୟପଥରେ ଗଡିବନି ଓଡ଼ିଶା ପ୍ରଜ୍ଞାପନ ମେଢ। ୫ଟି ପର୍ଯ୍ୟାୟ ଅତିକ୍ରମ କରିବା ପରେ ପରେଡରେ ସାମିଲ ହେବାରୁ ବାଦ୍ ପଡିଛି। ସାଧାରଣତନ୍ତ୍ର ଦିବସରେ ଗଡିଥାନ୍ତା ଓଡ଼ିଶା ପ୍ରଜ୍ଞାପନ ମେଢ। ସୂଚନାନୁଯାୟୀ, ଦୀର୍ଘ ୩ ବର୍ଷ ପରେ ୨୦୨୪ରେ ସୁଯୋଗ ପାଇ ଓଡ଼ିଶା ପ୍ରଜ୍ଞାପନ ମେଢ ପ୍ରଥମ ହୋଇଥିଲା।

## ପ୍ରବାସୀ ଭାରତୀୟ ଦିବସ ପୂର୍ବରୁ ସମୀକ୍ଷା କଲେ ମନ୍ତ୍ରୀ : ଖୋଲିଲା କଣ୍ଟ୍ରୋଲ ରୁମ୍

ଭୁବନେଶ୍ୱର ୨।୧ ନ୍ୟୁଜ
ବ୍ୟୁରୋ


ପ୍ରବାସୀ ଭାରତୀୟ ଦିବସ ପୂର୍ବରୁ ରାଜଧାନୀରେ ସମୀକ୍ଷା କଲେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର । ରାଜଧାନୀରେ ବିଭିନ୍ନ ଛକରେ ରାସ୍ତା ଅବସ୍ଥା ବୁଲି ଦେଖିଛନ୍ତି ମନ୍ତ୍ରୀ । ତାଙ୍କ ସହ ବିଏମ୍‌ସି କମିଶନର, ବିଡିଏ ଭିସିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସେପଟେ ପ୍ରବାସୀ ଭାରତୀୟ ଦିବସ ପାଇଁ ଗୃହ ବିଭାଗ ପକ୍ଷରୁ କଣ୍ଟ୍ରୋଲ ରୁମ୍ କରାଯାଇଛି । ଏହି କଣ୍ଟ୍ରୋଲ ରୁମ୍‌ରେ ଟେଲିଫୋନ୍ ନମ୍ବର ହେଲା ୦୬୭୪-୨୩୯୦୪୧୧ ଏବଂ ୦୬୭୪-୨୩୯୦୮୧୧ । ଏହା ଜାନୁଆରୀ ୨ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଅହୋରାତ୍ର ଖୋଲା ରହିବ । ଆସନ୍ତା ୮ ତାରିଖରୁ ଆରମ୍ଭ ହେବାକୁ ଯାଉଛି ପ୍ରବାସୀ ଭାରତୀୟ ଦିବସ । ଏହା ତିନି ଦିନ ଅର୍ଥାତ ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥି ପାଇଁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଉଚ୍ଛେଦ କାମ ଚାଲିଛି ।

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com

ପ୍ରକାଶ ଅପେକ୍ଷାରେ...
ମାସିକ ଗଳ୍ପ ପତ୍ରିକା 'କଥାକଳିକା'ର ନୂଆବର୍ଷ ସଂଖ୍ୟା-୨୦୨୫




ଏଥର ସଂଖ୍ୟାରେ...
**ସ୍ମରଣୀୟ କଥା :** ସଚ୍ଚିଦାନନ୍ଦ କର
**ସମକାଳର କଥା :** ସୁଷମା ପରିଜା, ବୀରେଶ୍ୱର ମହାନ୍ତି, ରଞ୍ଜନ ପ୍ରଧାନ, ପ୍ରଣିତାରାଣୀ ବେହେରା।
**ଅନ୍ୟ ଭାଷାର କଥା :** ଅନୁରୂପା ସିଂହ
**ଯୁବ ମାନସର କଥା :** ରଜତରଶ୍ମୀ ସ୍ୱାଇଁ, ଲିପ୍‌ସା ପଟେଲ, ସୁସ୍ମିତା ମିଶ୍ର, ଲଳିତ କୁମାର ସ୍ୱାଇଁ, ମୋନାଲିସା ମିଶ୍ର।
**କଥାସାଗର :** ଅଶୋକ ବିଶ୍ୱାଳ

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/-
(୨ଟି ବିଶେଷ ସଂଖ୍ୟା ସହ)